# ଉନ୍ନତ ପ୍ରଣାଳୀରେ
# ମଧୁର ଜଳ ମାଛ ଚାଷ

## (Improved Fresh Water Pisciculture)




ଲେଖିକା
କୁମାରୀ ରଶ୍ମିପ୍ରଭା ମିଶ୍ର
କାର୍ଯ୍ୟକ୍ରମ ସହାୟିକା (ମତ୍ସ୍ୟ ବିଜ୍ଞାନ)

ସଂପାଦକ
ଡଃ ନିରଞ୍ଜନ ଦାସ
କାର୍ଯ୍ୟକ୍ରମ ସଂଯୋଜକ



କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)
ପଞ୍ଚମହଲା, ଅନୁଗୁଳ-୭୫୯୧୩୨

ସୌଜନ୍ୟ : କୃଷି ବୈଷୟିକ ପରିଚାଳନା ସଂସ୍ଥା, ଅନୁଗୁଳ

# ଉନ୍ନତ ପ୍ରଣାଳୀରେ ମଧୁର ଜଳ ମାଛ ଚାଷ
## (IMPROVED FRESH WATER PISCICULTURE)


ଲେଖିକା

**କୁମାରୀ ରଶ୍ମିପ୍ରଭା ମିଶ୍ର**

କାର୍ଯ୍ୟକ୍ରମ ସହାୟିକା (ମତ୍ସ୍ୟ ବିଜ୍ଞାନ)

ସଂପାଦକ

**ଡଃ ନିରଞ୍ଜନ ଦାସ**

କାର୍ଯ୍ୟକ୍ରମ ସଂଯୋଜକ



**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ**

(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପଞ୍ଚମହଲା, ଅନୁଗୁଳ-୭୫୯୧୩୨

**ସୌଜନ୍ୟ : କୃଷି ବୈଷୟିକ ପରିଚାଳନା ସଂସ୍ଥା, ଅନୁଗୁଳ**

**ଉନ୍ନତ ପ୍ରଣାଳୀରେ ମଧୁର ଜଳ ମାଛ ଚାଷ**
**(IMPROVED FRESH WATER PISCICULTURE)**


ପ୍ରଥମ ସଂସ୍କରଣ : ୨୦୧୩
First Edition : 2013

ଲେଖିକା : କୁମାରୀ ରଶ୍ମିପ୍ରଭା ମିଶ୍ର
କାର୍ଯ୍ୟକ୍ରମ ସହାୟିକା (ମତ୍ସ୍ୟ ବିଜ୍ଞାନ)
Writer : Ms. Rashmi Prabha Mishra
Prog. Asst. (Fishery)

ସଂପାଦକ : **ଡଃ ନିରଞ୍ଜନ ଦାସ**
କାର୍ଯ୍ୟକ୍ରମ ସଂଯୋଜକ
Editor : Dr. Niranjan Das
Programme Co-ordinator

ପ୍ରକାଶକ : କାର୍ଯ୍ୟକ୍ରମ ସଂଯୋଜକ
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ-୭୫୯୧୩୨
ଓ
ପ୍ରକଳ୍ପ ନିର୍ଦ୍ଦେଶକ
କୃଷି ବୈଷୟିକ ପରିଚାଳନା ସଂସ୍ଥା, ଅନୁଗୁଳ-୭୫୯୧୨୨

Publisher : Programme Co-ordinator
Krishi Vigyan Kendra, Angul
&
Project Director
Agricultural Technology Management Agency, Angul

ମୁଦ୍ରଣ : ଓଁ ମା ପ୍ରିଣ୍ଟର୍ସ, ଅନୁଗୁଳ
Printing : Om Maa Printers, Angul

Rs. 30/-
(Rupees Thirty only)



**ଡଃ ନିରଞ୍ଜନ ଦାସ**
କାର୍ଯ୍ୟକ୍ରମ ସଂଯୋଜକ
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ-୭୫୯୧୩୨

# ମୁଖବନ୍ଧ

ସଂପ୍ରତି ବିଶ୍ୱରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଆମ ଦେଶ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିପାରିଛି । ମାଛ, ଚିଙ୍ଗୁଡ଼ି ଓ ବିଭିନ୍ନ ମତ୍ସ୍ୟଜାତ ଦ୍ରବ୍ୟ ରପ୍ତାନୀ ଦ୍ୱାରା ପ୍ରାୟ ୮୦୦୦ କୋଟି ବୈଦେଶିକ ମୁଦ୍ରା ଅର୍ଜନ କରିବାରେ ଆମେ ସକ୍ଷମ ହୋଇପାରିଛୁ । ଆମ ଦେଶରେ ଜାତୀୟ ମାଛ ଉତ୍ପାଦନର ପ୍ରାୟ ଏକ ତୃତୀୟାଂଶ କେବଳ ମଧୁର ଜଳ ମାଛ ଚାଷରୁ ହିଁ ଆସିଥାଏ । ଅନ୍ୟ ଯେ କୌଣସି ଚାଷ ଅପେକ୍ଷା ଜଳଚାଷ ବା ଜଳଜ ଉତ୍ପାଦନ ଅତ୍ୟନ୍ତ ଲାଭଦାୟକ । ତେବେ ମାଛଚାଷକୁ ବ୍ୟାପକ କରାଯାଇପାରିଲେ ଦେଶର ଉତ୍ପାଦନ ବଢ଼ିବ ଏବଂ ଉପାର୍ଜନ ତଥା ଆତ୍ମନିଯୁକ୍ତି ବି ବଢ଼ିବ । ଓଡ଼ିଶାରେ ମଧ୍ୟ ମତ୍ସ୍ୟ ଉତ୍ପାଦନ ନିମନ୍ତେ ଯଥେଷ୍ଟ ପୋଖରୀ, ଜଳାଶ୍ରୟ, ଜଳଭଣ୍ଡାର, ଜଳସେଚନ ପ୍ରକଳ୍ପ ଓ ଗାଡ଼ିଆ ଇତ୍ୟାଦି ରହିଛି । ହାରାହାରି ଭାବେ ୪ ଲକ୍ଷ ଟନ୍‌ରୁ ଉର୍ଦ୍ଧ୍ୱ ମାଛ ଏହି ସବୁ ପ୍ରାକୃତିକ ପରିବେଶରୁ ଉତ୍ପାଦିତ ହେଉଛି । ରାଜ୍ୟର ସମୁଦ୍ର ଉପକୂଳରେ ବାସ କରୁଥିବା ମତ୍ସ୍ୟଜୀବୀ ପରିବାରମାନେ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରନ୍ତି । ଏହି ଆର୍ଥିକ ଅନଗ୍ରସର ଗୋଷ୍ଠୀ ମାଛଧରାକୁ ଜୀବିକା ଓ ପେଷା ଭାବରେ ଗ୍ରହଣ କରି ନିଜର ଆର୍ଥିକ ସୁଧାର ଆଣିବା ସହ ଦେଶର ପ୍ରଗତିରେ ସହାୟକ ହେଉଛନ୍ତି । ଏହା କେବଳ ଖାଦ୍ୟ ଓ ପୋଷକ ତତ୍ତ୍ୱ ଅଭାବକୁ ପୂରଣ କରୁନାହିଁ, ବରଂ ଦେଶର ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରୁଛି ।

ବ୍ୟବସାୟିକ ସ୍ତରରେ ମାଛ ଚାଷ ଓ ଉତ୍ପାଦନ ପାଇଁ ଓଡ଼ିଶାରେ ସମସ୍ତ ପ୍ରକାର ଅନୁକୂଳ ପରିସ୍ଥିତି, ସୁଯୋଗ ଓ ସମ୍ଭାବନା ରହିଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ମାଛ ଉତ୍ପାଦନ ବୃଦ୍ଧି ଓ ଆତ୍ମନିଯୁକ୍ତି ପାଇଁ ଚେଷ୍ଟା କରାଯାଉଛି । ଏତଦ୍‌ବ୍ୟତିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଏହାର କୃଷି ବିଜ୍ଞାନ କେନ୍ଦ୍ର ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ତାଲିମ୍, କ୍ଷେତ୍ର ପ୍ରଦର୍ଶନ,

କ୍ଷେତ୍ର ପରୀକ୍ଷଣ ତଥା ଅନ୍ୟାନ୍ୟ ସମ୍ପ୍ରସାରଣ କାର୍ଯ୍ୟକ୍ରମ ମାଧ୍ୟମରେ ମତ୍ସ୍ୟ ଚାଷୀମାନଙ୍କ ପାଖରେ ବୈଜ୍ଞାନିକ ସମ୍ମତ ମତ୍ସ୍ୟଚାଷର ବାର୍ତ୍ତା ପହଞ୍ଚାଇ ରାଜ୍ୟର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଚେଷ୍ଟା ଜାରି ରଖିଛି । ତେବେ ଆମ ରାଜ୍ୟରେ ଏଯାବତ୍ ମତ୍ସ୍ୟଚାଷ ସମ୍ବନ୍ଧୀୟ ଓଡ଼ିଆ ଭାଷାରେ ଲିଖିତ ପୁସ୍ତକର ଘୋର ଅଭାବ ରହିଛି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ ଦ୍ୱାରା ପ୍ରକାଶିତ ହେବାକୁ ଯାଉଥିବା " ଉନ୍ନତ ପ୍ରଣାଳୀରେ ମଧୁର ଜଳ ମାଛ ଚାଷ" ପୁସ୍ତକଟି ଏହି ଅଭାବକୁ କେତେକାଂଶରେ ହ୍ରାସ କରିପାରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ଏହି ପୁସ୍ତକରେ ଉନ୍ନତ ବୈଜ୍ଞାନିକ ପ୍ରଣାଳୀରେ ମତ୍ସ୍ୟଚାଷ ସମ୍ବନ୍ଧୀୟ ଜ୍ଞାନ କୌଶଳ ଗୁଡ଼ିକ ଯଥା - ପୋଖରୀ ପ୍ରସ୍ତୁତି ଓ ପରିଚାଳନା, ମାଛ ଜାଆଁଳ ଉତ୍ପାଦନ, ସଘନ ମାଛ ଚାଷ, ମିଶ୍ରିତ ମାଛ ଚାଷ, ସମନ୍ୱିତ ମାଛ ଚାଷ, ବର୍ଷିକିଆ ମୁଣ୍ଡା ଜାଆଁଳ ଚାଷ, ଚିଙ୍ଗୁଡ଼ି ଚାଷ, ମଧୁର ଜଳରେ ମାଛ ଚାଷ ଇତ୍ୟାଦିକୁ ସରଳ ଓ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାଯାଇଛି । ମୋର ଆଶା ଉକ୍ତ ପୁସ୍ତକଟି ପାଠକମାନଙ୍କ ଦ୍ୱାରା ଆଦୃତ ହେବ ଏବଂ ବିଶେଷ କରି କୃଷକ, ସଂପ୍ରସାରଣ କର୍ମୀ, ଛାତ୍ର ଛାତ୍ରୀ, ଶିକ୍ଷକ ଓ ବୈଜ୍ଞାନିକ ମାନଙ୍କ ପାଇଁ ଏକ ଉପାଦେୟ ପୁସ୍ତକ ଭାବରେ ପରିଗଣିତ ହେବ । ବହି ପ୍ରକାଶନ ପାଇଁ ଅନୁଗୁଳ କୃଷି ବୈଷୟିକ ପରିଚାଳନା ସଂସ୍ଥାର ଆର୍ଥୀକ ସହାୟତା ସ୍ୱାଗତଯୋଗ୍ୟ ।

**ନିରଞ୍ଜନ ଦାସ**
କାର୍ଯ୍ୟକ୍ରମ ସଂଯୋଜକ
କୃଷି ବଜ୍ଞାନ କେନ୍ଦ୍ର, ଅନୁଗୁଳ



**ଭି. ନାଗାରାଜୁ**
ପ୍ରକଳ୍ପ ନିର୍ଦ୍ଦେଶକ
କୃଷି ବୈଷୟିକ ପରିଚାଳନା ସଂସ୍ଥା,
ଅନୁଗୁଳ-୭୫୯୧୨୨

ଜଳସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶା ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ । ବର୍ତ୍ତମାନ ଆମ ରାଜ୍ୟରେ ୬.୩୨ ଲକ୍ଷ ହେକ୍ଟର ମଧୁରଜଳ ଅଞ୍ଚଳ, ୪.୧୮ ଲକ୍ଷ ହେକ୍ଟର ଖାରିପାଣି ଅଞ୍ଚଳ ଓ ୪୮୦ କି.ମି. ସମୁଦ୍ର ଉପକୂଳରୁ ମାଛ ଉତ୍ପାଦନ ହେଉଛି । ଏହି ମାଛ ଚାଷ ଦ୍ୱାରା ଶିକ୍ଷିତ ବେକାର ଯୁବକ/ଯୁବତୀମାନେ ଆତ୍ମ ନିଯୁକ୍ତିର ସୁଯୋଗ ପାଇବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ଲୋକଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରୁଛି । ମତ୍ସ୍ୟ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଖି ଆଗରେ ରଖି ଓଡ଼ିଶାରେ ମତ୍ସ୍ୟ ଉତ୍ପାଦନକୁ ଦ୍ୱିଗୁଣିତ ଏବଂ ମାଛ ରପ୍ତାନୀକୁ ତ୍ରିଗୁଣିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହିସବୁ କାର୍ଯ୍ୟକ୍ରମ ଓ ଯୋଜନାର ସଫଳ ରୂପାୟନ କରି ଆମ ରାଜ୍ୟକୁ ଏକ ଶ୍ରେଷ୍ଠ ଅଗ୍ରଣୀ ରାଜ୍ୟ ରୂପେ ଗଢ଼ି ତୋଳିବାକୁ ହେଲେ ସମସ୍ତଙ୍କର ନିଷ୍ଠାପର ଉଦ୍ୟମ ଓ ସହଯୋଗ ଏକାନ୍ତ ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଲାଭଜନକ ତଥା ବିଜ୍ଞାନ ସମ୍ମତ ଉନ୍ନତ ପ୍ରଣାଳୀରେ ମାଛ ଚାଷ ସମ୍ବନ୍ଧରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଏକ ପୁସ୍ତକ ପ୍ରସ୍ତୁତ କରାଯାଇଛି । ଓଡ଼ିଆ ଭାଷାରେ ମାଛ ଚାଷ ବିଷୟରେ ପାଠ୍ୟ ପୁସ୍ତକର ଅଭାବ ଓ ଚାଷୀ ମାନଙ୍କର ଚାହିଦାକୁ ନଜରରେ ରଖି କୃଷି ବୈଷୟିକ ପରିଚାଳନା ସଂସ୍ଥା ଓ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳର ମିଳିତ ଉଦ୍ୟମରେ ପ୍ରକାଶିତ ଏହି ବହିଟି ମାଛ ଚାଷୀ ଭାଇମାନଙ୍କ ବହୁ ପ୍ରତୀକ୍ଷିତ ଆବଶ୍ୟକତା ପୂରଣ କରିପାରିବ ବୋଲି ମୋର ଆଶା ଓ ବିଶ୍ୱାସ ।

**ପ୍ରକଳ୍ପ ନିର୍ଦ୍ଦେଶକ**

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| ୧. | ଉପକ୍ରମ | ୧ |
| ୨. | ମଧୁର ଜଳରେ ମାଛ ଚାଷର ପ୍ରକାର ଭେଦ | ୨ |
| ୩. | ମାଛ ଚାଷ ପାଇଁ ପୋଖରୀ ପ୍ରସ୍ତୁତି ଓ ପରିଚାଳନା | ୬ |
| ୪. | ମାଛ ଜାଆଁଳ ଉତ୍ପାଦନ | ୧୧ |
| ୫. | ମିଶ୍ରିତ ମାଛ ଚାଷ | ୧୬ |
| ୬. | ସଘନ ମାଛ ଚାଷ | ୨୦ |
| ୭. | ସମନ୍ୱିତ ମାଛ ଚାଷ | ୨୪ |
| ୮. | ବର୍ଷିକିଆ ମୁଣ୍ଡା ଜାଆଁଳ ଦ୍ୱାରା ପୌନଃପୁନିକ ଅମଳ ପଦ୍ଧତିରେ ମାଛ ଚାଷ | ୩୩ |
| ୯. | ରଙ୍ଗୀନ୍ ମାଛ ଚାଷ | ୩୭ |
| ୧୦. | ମଧୁର ଜଳରେ ଚିଙ୍ଗୁଡ଼ି ଚାଷ | ୪୨ |
| ୧୧. | ମଧୁର ଜଳ ମାଛ ଚାଷରେ ରୋଗ ସମସ୍ୟା ଓ ତା'ର ପ୍ରତିକାର | ୪୮ |
| ୧୨. | ମାଛ ଚାଷର କେତେକ ସାଧାରଣ ସମସ୍ୟା, ତାହାର କାରଣ ଓ ନିରାକରଣ | ୫୧ |

# ଉପକ୍ରମ

ମାଛ ଏକ ସହଜରେ ଓ ଶସ୍ତାରେ ମିଳିପାରୁଥିବା ସୁସ୍ୱାଦୁକର ଓ ମଣିଷର ଶରୀର ପାଇଁ ଆବଶ୍ୟକ ହେଉଥିବା ପ୍ରାଣୀଜ ପୁଷ୍ଟିକର ଖାଦ୍ୟ । ଏଥିରେ ଶତକଡ଼ା ୧୭ ଭାଗ ପୁଷ୍ଟି ସାର ଥାଏ । ଏହି ପୁଷ୍ଟିସାରର ଶତକଡ଼ା ୯୭ଭାଗ ଆମ ଶରୀର ଅତି ସହଜରେ ଗ୍ରହଣ କରିଥାଏ । ମାଛ ଆମ ଶରୀର ପାଇଁ କେତେକ ଆମିନୋ ଅମ୍ଳ ମଧ୍ୟ ଯୋଗାଇଥାଏ । ଏଥିରେ ମାତ୍ର ଶତକଡ଼ା ୩ ରୁ ୫ ଭାଗ ସଂଯୋଜକ ତନ୍ତୁ ଥିବାରୁ ଏହା ସହଜରେ ଆମ ଶରୀର ଦ୍ୱାରା ହଜମ ହୋଇଯାଇଥାଏ । ମାଛ ଶରୀରରେ ଥିବା ତେଲରେ ବହୁ ଅପୃକ୍ତ ତୈଳାମ୍ଳ (PUFA) ଭରି ରହିଛି ଯାହାକି ରକ୍ତରେ କୋଲେଷ୍ଟରଲ୍ ପରିମାଣ କମାଇବାରେ ସାହାଯ୍ୟ କରିଥାଏ । ଏତଦ୍‌ବ୍ୟତୀତ ମାଛରୁ କ୍ୟାଲ୍‌ସିୟମ୍, ଫସ୍‌ଫରସ୍ ଖାଦ୍ୟପ୍ରାଣ ଆଦି ପ୍ରଚୁର ପରିମାଣରେ ମିଳିଥାଏ ।

ଓଡ଼ିଶାରେ ମାଛ ଉତ୍ପାଦନ ପାଇଁ ଯଥେଷ୍ଟ ସୁଯୋଗ ରହିଛି ଓ ବିଭିନ୍ନ ଉତ୍ସରୁ ବାର୍ଷିକ ହାରାହାରି ୩.୮୨ ଲକ୍ଷ ମେଟ୍ରିକ୍ ଟନ୍ ମାଛ ଉତ୍ପାଦିତ ହେଉଛି । ରାଜ୍ୟରେ ଥିବା ୬.୭୨ଲକ୍ଷ ହେକ୍ଟର ମଧୂର ଜଳ ଅଞ୍ଚଳ, ୪.୧୮ ଲକ୍ଷ ହେକ୍ଟର ଖାରିପାଣି ଅଞ୍ଚଳ ଓ ୪୮୦ କିଲୋମିଟର୍ ସୁଦୀର୍ଘ ସମୂଦ୍ର ଉପକୂଳର ଉପଯୁକ୍ତ ବିନିଯୋଗ ହୋଇପାରିଲେ ଓଡ଼ିଶାର ମତ୍ସ୍ୟ ଉତ୍ପାଦନ ଯେ ଦ୍ୱିଗୁଣିତ ହୋଇପାରିବ ସେଥିରେ ସନ୍ଦେହର ଅବକାଶ ନାହିଁ । କିନ୍ତୁ ଏଥିପାଇଁ ଚାଷୀମାନଙ୍କୁ ଉନ୍ନତ ପ୍ରଣାଳୀରେ ମାଛ ଚାଷ ପଦ୍ଧତିକୁ ଆପଣେଇବାକୁ ପଡ଼ିବ । ବର୍ତ୍ତମାନ ଏହି ପଦ୍ଧତି ବିଭିନ୍ନ ମାଛ ଉତ୍ପାଦନକାରୀ ଦେଶ ମାନଙ୍କରେ ବିଶେଷ ଲାଭ ଦେବା ସଙ୍ଗେ ସଙ୍ଗେ ଉନ୍ନତ ପରିବେଶ ସୁରକ୍ଷା ଯୋଗୁଁ ବେଶ୍ ଆଦୃତ ହୋଇପାରିଛି ।

ଓଡ଼ିଶାରେ ଉପଲବ୍ଧ ସମସ୍ତ ପ୍ରକାର ଜଳରାଶିର ସଦୁପଯୋଗ କରି ମତ୍ସ୍ୟ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଲକ୍ଷ ସହିତ ମତ୍ସ୍ୟଜାତ ଦ୍ରବ୍ୟର ରପ୍ତାନୀକୁ ବୃଦ୍ଧି କରିବା ପାଇଁ ବହୁବିଧ ଯୋଜନା ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ତରଫରୁ ହାତକୁ ନିଆଯାଇଛି ।

କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ କୃଷକମାନଙ୍କୁ ମାଛ ଚାଷ ବିଷୟରେ ଜାଗରିତ କରିବା ପାଇଁ କୃଷକ ସଭା, କୃଷକ ମେଳା, କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ ତଥା ତାଲିମ୍ କାର୍ଯ୍ୟକ୍ରମ ମାନ କରାଯାଉଛି । ତେବେ ମାଛ ଚାଷକୁ ସଫଳ ରୂପାୟନ ଦେବାକୁ ହେଲେ ଉନ୍ନତ ପ୍ରଣାଳୀରେ ମାଛ ଚାଷ ସହ ମତ୍ସ୍ୟଚାଷୀ, ମତ୍ସ୍ୟଜୀବି ଓ ମତ୍ସ୍ୟ ଉଦ୍ୟୋଗୀଙ୍କ ପାରସ୍ପରିକ ସହଯୋଗ ମଧ୍ୟ ଏକାନ୍ତ ଆବଶ୍ୟକ । ଏହାଦ୍ୱାରା ଆମ ରାଜ୍ୟ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଗଣିତ ହୋଇପାରିବ ।

# ମଧୁର ଜଳରେ ମାଛ ଚାଷର ପ୍ରକାର ଭେଦ

ମଧୁର ଜଳରେ ମାଛ ଚାଷ ବିଭିନ୍ନ ପ୍ରଣାଳୀରେ କରାଯାଇପାରେ । ଯଥା- ୧. ମିଶ୍ରିତ ମାଛ ଚାଷ, ୨. ସଘନ ମାଛ ଚାଷ, ୩. ସମନ୍ୱିତ ମାଛ ଚାଷ, ୪. ପୌନଃପୁନିକ ଅମଳ ପଦ୍ଧତିରେ ମାଛ ଚାଷ, ୫. ରଙ୍ଗୀନ ମାଛ ଚାଷ, ୬. ମଧୁର ଜଳରେ ଚିଙ୍ଗୁଡ଼ି ଚାଷ, ୭. ମାଗୁର ମାଛ ଚାଷ ଇତ୍ୟାଦି ।

## ୧. ମିଶ୍ରିତ ମାଛ ଚାଷ (Composite Pisciculture)

ମାଛ ଚାଷରେ ସାଧାରଣତଃ ଭାରତୀୟ ମୁଖ୍ୟ କାର୍ପ ଯଥା ରୋହୀ, ଭାକୁର ଓ ମିରିକାଲୀ ସହ ବିଦେଶୀ କାର୍ପ ଯଥା- ରୂପାପେଟୀ (ସିଲ୍‌ଭର କାର୍ପ), ଦଳଖାଇ (ଗ୍ରାସ୍‌କାର୍ପ) ଏବଂ ବିଲାତିରୋହୀ ଚାଷ କରିବାକୁ ମିଶ୍ରିତ ମାଛ ଚାଷ ବୋଲି କୁହାଯାଇଥାଏ । ଏହି ମାଛ ମାନେ ପରସ୍ପର ମଧ୍ୟରେ ଖାଦ୍ୟ ଓ ଜାଗା ପାଇଁ ପ୍ରତିଯୋଗିତା କରିନଥାନ୍ତି । ଏମାନେ ପରସ୍ପରର କିଛି କ୍ଷତି କରନ୍ତି ନାହିଁ । ଫଳରେ ପୋଖରୀରେ ମିଳୁଥିବା ସମସ୍ତ ପ୍ରାକୃତିକ ଖାଦ୍ୟର ସର୍ବାଧିକ ବ୍ୟବହାର ହୋଇପାରେ । ଭାକୁର ଓ ସିଲ୍‌ଭର କାର୍ପ ମାଛ ଜଳର ଉପରିଭାଗରେ ରହି ଯଥାକ୍ରମେ ଜୀବ ପ୍ଳାଙ୍କଟନ୍ ଓ ଉଦ୍ଭିଦ ପ୍ଳାଙ୍କଟନ୍ ଖାଇଥାନ୍ତି । ରୋହୀ ମାଛ ଜଳର ମଝି ଭାଗରେ ରହି ଜଳଜୀବ, ଶିଉଳି ଇତ୍ୟାଦି ଖାଇବାକୁ ପସନ୍ଦ କରନ୍ତି । ସେହିପରି ମିରିକାଲୀ ଓ ବିଲାତି ରୋହୀ ମାଛ ଜଳର ତଳ ଭାଗରେ ରହି ପ୍ଳାଙ୍କଟନ୍, ପୋଖରୀ ତଳର ସଢ଼ା ଜିନିଷ ଖାଇବାକୁ ବେଶି ଭଲ ପାଇଥାନ୍ତି । ଗ୍ରାସ୍ କାର୍ପ ବା ଦଳଖାଇ ମାଛ ଜଳର ସବୁ ସ୍ତରରେ ବୁଲି ବୁଲି ଦଳ, ଘାସ ଇତ୍ୟାଦି ଖାଇଥାନ୍ତି ।

## ୨. ସଘନ ମାଛ ଚାଷ (Intensive Pisciculture)

ଗୋଟିଏ ପୋଖରୀରେ ବିଭିନ୍ନ କିସମର ଜାତିଆ ସମଭାବାପନ୍ନ ପ୍ରକୃତିର ମାଛ ମାନଙ୍କୁ ଏକାଠି ଚାଷ କରିବାକୁ ସଘନ ମାଛ ଚାଷ ବୋଲି କୁହାଯାଏ । ଏହି ଚାଷ ପ୍ରଣାଳୀରେ ପୋଖରୀର ବିଭିନ୍ନ ସ୍ତର ଏବଂ ଏଥିରେ ମିଳୁଥିବା ଖାଦ୍ୟ ପଦାର୍ଥର ସମ୍ପୂର୍ଣ୍ଣ ବିନିଯୋଗ ହୋଇପାରିଥାଏ, ଯାହା ଫଳରେ ଅଧିକ ଅମଳ ସମ୍ଭବ ହୋଇଥାଏ । ଯେହେତୁ ସମଭାବାପନ୍ନ ପ୍ରକୃତିର ମାଛ ମାନଙ୍କୁ ଛଡ଼ାଯାଇଥାଏ, ତେଣୁ ସେମାନେ ପରସ୍ପରର କ୍ଷତି ନକରି ପୋଖରୀର ସମସ୍ତ ସ୍ତରର ଉପଯୋଗ କରି ସୁଚାରୁରୂପେ ବଢ଼ିଥାନ୍ତି ।

## ୩. ସମନ୍ୱିତ ମାଛ ଚାଷ (Integrated Fish Culture)

ମାଛ ଚାଷ ସହ ଦୁଧିଆଳି ଗାଈ, ଛେଳି, କୁକୁଡ଼ା, ବତକ, ପଶୁପାଳନ ଓ ବିଭିନ୍ନ ପ୍ରକାର ଅର୍ଥକାରୀ ଉଦ୍ୟାନ ଫସଲର ଏକତ୍ରୀକରଣକୁ ସମନ୍ୱିତ ମାଛ ଚାଷ ବୋଲି

କୁହାଯାଇଥାଏ । ଏହାଦ୍ୱାରା ପ୍ରାକୃତିକ ସମ୍ପଦର ପୂର୍ଣ୍ଣ ବିନିଯୋଗ ହେବା ସଙ୍ଗେ ସଙ୍ଗେ ଶକ୍ତିର ସଞ୍ଚୟ ହୋଇଥାଏ ଏବଂ ଅଦରକାରୀ ତଥା ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ହୋଇପାରିଥାଏ । ଏହି ଚାଷ ପ୍ରଣାଳୀ ଦ୍ୱାରା ଶତକଡ଼ା ୫୦ଭାଗ ଅଧିକ ଲାଭ ମିଳିପାରେ ।

## ୪. ବର୍ଷିକିଆ ମୁଣ୍ଡା ଜାଆଁଳ ଦ୍ୱାରା ପୌନଃପୁନିକ ଅମଳ ପଦ୍ଧତିରେ ମାଛ ଚାଷ (Repeated stocking & harvesting with stunted yearlings)

କମ୍ ସଂଖ୍ୟାରେ ବର୍ଷିକିଆ ମୁଣ୍ଡା ଜାଆଁଳ ବା ଇୟରଲିଙ୍ଗ୍ ପୋଖରୀରେ ଛଡ଼ାଯାଇ ୨.୫ - ୩ ମାସ ମଧ୍ୟରେ ମାଛ ମାରିବାକୁ ପୌନଃପୁନିକ ଅମଳ ପଦ୍ଧତିରେ ଚାଷ ବୋଲି କୁହାଯାଏ । ଏହି ଚାଷ ପ୍ରଣାଳୀ ଦ୍ୱାରା ଅଦିନିଆ ମାଛ ଉତ୍ପାଦନ କରି ଅଧିକ ଦାମ୍‌ରେ ବିକ୍ରି କରାଯାଇ ପାରିବା ସହ ବର୍ଷକୁ ଏକର ପିଛା ୩୦୦୦ କେଜିରୁ ଅଧିକ ମାଛ ଅମଳ କରାଯାଇପାରେ । ଯେଉଁ ସ୍ଥାନମାନଙ୍କରେ ବର୍ଷସାରା ନିରବଚ୍ଛିନ୍ନ ଉଠା ଜଳସେଚନର ସୁବିଧା ଅଛି, ସେହି ଜାଗା ଗୁଡ଼ିକରେ ଏହି ପଦ୍ଧତିରେ ମାଛ ଚାଷ କରାଯାଇପାରିବ ।

## ୫. ରଙ୍ଗୀନ ମାଛ ଚାଷ (Ornamental Fish Culture)

ଅନ୍ୟାନ୍ୟ ମାଛ ବା ଚିଙ୍ଗୁଡ଼ି ଚାଷ ଅପେକ୍ଷା ରଙ୍ଗୀନ ମାଛ ଚାଷ ପାଇଁ କମ୍ ସ୍ଥାନର ଆବଶ୍ୟକତା ପଡ଼ିଥାଏ । ନିଜ ଅଗଣାରେ ବା ବାଡ଼ି ବଗିଚାରେ ଅତି କମ୍‌ରେ ୫୦୦ରୁ ୧୦୦୦ ବର୍ଗଫୁଟ୍ ସ୍ଥାନ ମଧ୍ୟରେ ଛୋଟ ଛୋଟ ଆୟତାକାର କିମ୍ବା ବୃତ୍ତାକାର ସିମେଣ୍ଟ୍ କୁଣ୍ଡ ତିଆରି କରି ଏହି ଚାଷ କରାଯାଇପାରିବ ଏବଂ ପ୍ରାୟତଃ ମାସିକ ୪,୦୦୦ ରୁ ୧୦,୦୦୦ଟଙ୍କା ପର୍ଯ୍ୟନ୍ତ ଲାଭ ହୋଇପାରିବ ।

## ୬. ମଧୁର ଜଳରେ ଚିଙ୍ଗୁଡ଼ି ଚାଷ (Fresh water Prawn culture)

ଚାଷ ଉପଯୋଗୀ ମଧୁର ଜଳୀୟ ଚିଙ୍ଗୁଡ଼ିମାନଙ୍କ ମଧ୍ୟରେ ମାକ୍ରୋବ୍ରାକିୟମ୍ ରୋଜେନ୍‌ବର୍ଗୀ ଓ ମାକ୍ରୋବ୍ରାକିୟମ୍ ମାଲ୍‌କମ୍‌ସୋନି ମୁଖ୍ୟ ଅଟେ । ଏହି ଚିଙ୍ଗୁଡ଼ିର ଚାହିଦା ବିଦେଶ ବଜାରରେ ଅଧିକ ଥିବା କାରଣରୁ ଏହାର ଆଭ୍ୟନ୍ତରୀଣ ବଜାରଦର ବେଶି ହୋଇଥାଏ ଓ ଏହା ବିଦେଶକୁ ରପ୍ତାନୀ କରି ବୈଦେଶିକ ମୁଦ୍ରା ଅର୍ଜନ କରାଯାଇପାରେ । ଏକକ ଚିଙ୍ଗୁଡ଼ି ଚାଷ କଲେ ଜଣେ ଚାଷୀ ଅତି କମ୍‌ରେ ଏକର ପିଛା ୧,୦୦,୦୦୦-୧,୫୦,୦୦୦ ପର୍ଯ୍ୟନ୍ତ ଲାଭ କରିପାରେ । ତେଣୁ ଆଜିକାଲି ଏ ଚାଷର ବହୁଳ ପ୍ରସାର ଘଟିବାରେ ଲାଗିଛି ।

## ୭. ମାଛ ସହ ଚିଙ୍ଗୁଡ଼ି ଚାଷ (Fish with Prawn Culture)

ଏକ ସୀମିତ ପରିବେଶରୁ ଅଧିକ ଆଦାୟ କରିବା ଯେକୌଣସି ଚାଷର ଆଭିମୁଖ୍ୟ । ଏହାକୁ ଅନୁଧ୍ୟାନ କରି ବର୍ତ୍ତମାନ ମାଛ ସହିତ ମଧୁର ପାଣି ଚିଙ୍ଗୁଡ଼ି ଚାଷ ମଧ୍ୟ କରାଯାଉଛି । ଏହାଦ୍ୱାରା ମାଛରୁ ଲାଭ ପାଇବା ସହ ଚାଷୀ ଚିଙ୍ଗୁଡ଼ିରୁ ମଧ୍ୟ

ଲାଭ ପାଇଥାଏ । ଏହି ପ୍ରକାର ଚାଷ ପ୍ରଣାଳୀରେ ପରସ୍ପର ମଧ୍ୟରେ ଖାଦ୍ୟ ପାଇଁ ପ୍ରତିଯୋଗିତା ହୋଇନଥାଏ ଓ ପୋଖରୀର ସମସ୍ତ ପ୍ରାକୃତିକ ଖାଦ୍ୟର ବ୍ୟବହାର ହୋଇପାରେ । ମଧୁର ଚିଙ୍ଗୁଡ଼ି ଲୋକଙ୍କ ଅତି ପ୍ରିୟ ଖାଦ୍ୟ । ବିକ୍ରୟ ଦାମ୍ ମାଛ ଅପେକ୍ଷା ଯଥେଷ୍ଟ ବେଶି । ସୁତରାଂ ମାଛ ସହ ଚିଙ୍ଗୁଡ଼ି ଚାଷ କଲେ ସାଧାରଣତଃ ମାଛ ଚାଷ ଅପେକ୍ଷା ୨ ଗୁଣ ଲାଭ ହୋଇଥାଏ । ତେଣୁ ସମସ୍ତ ମାଛ ଚାଷୀ ଏହି ପ୍ରକାରର ମିଶ୍ରିତ ଚାଷ ପାଇଁ ଆଗଭର ହେବା ଉଚିତ୍ ।

## ୮. ମାଗୁର ମାଛ ଚାଷ (Magur Culture)

କାର୍ପ ଜାତୀୟ ମାଛମାନଙ୍କ ବ୍ୟତୀତ ଏହାର ବିବିଧକରଣ ଯଥା- ଦେଶୀ ମାଗୁର, ଶିଙ୍ଗି, କଣ୍ଟିଆ, ପୋବତା ଇତ୍ୟାଦି ମାଛ ଚାଷ ପ୍ରତି ବର୍ତ୍ତମାନ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । କାରଣ ବଜାରରେ ଏସବୁର ଯଥେଷ୍ଟ ଚାହିଦା ଥିବା ଯୋଗୁଁ ଚାଷୀ ଭାଇ ମାନେ ଏହିସବୁ ଚାଷ ପ୍ରଣାଳୀ ଅବଲମ୍ବନ କଲେ ଅଧିକ ଲାଭବାନ୍ ହୋଇପାରିବେ । ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟା ଗଙ୍ଗ ଠାରେ ଥିବା ମଧୁର ଜଳ ମତ୍ସ୍ୟ ପାଳନ କେନ୍ଦ୍ର (CIFA)ରେ ଏସବୁ ପ୍ରଜାତିର ମାଛ ଚାଷର ଆଦୃତି ପାଇଁ କୃତ୍ରିମ ପ୍ରଜନନ ପଦ୍ଧତି ଦ୍ୱାରା ବିଶୁଦ୍ଧ ଜାଆଁଳ ଉତ୍ପାଦନ କରାଯାଉଛି । ସେହି ଜାଆଁଳକୁ ଆଣି ବୈଜ୍ଞାନିକ ପ୍ରଣାଳୀରେ ମାଛ ଚାଷ କରିପାରିଲେ ମାତ୍ର ୭-୮ ମାସ ମଧ୍ୟରେ ଜଣେ ଚାଷୀ ଅତି କମ୍‌ରେ ଏକର ପିଛା ୧,୦୦,୦୦୦-୧,୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବ ।

ମାଛ ଚାଷରେ ମୁଖ୍ୟତଃ ୪ଟି ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ଯଥା - (କ) ମାଛର ପରିବେଶ, (ଖ) ଦ୍ରବୀଭୂତ ଅମ୍ଳଜାନ, (ଗ) ମାଛର ଖାଦ୍ୟ, (ଘ) ମାଛର ରୋଗ ନିରାକରଣ

## (କ) ମାଛର ପରିବେଶ

ମାଛ ପାଣିରେ ରୁହେ । ତେଣୁ ପାଣି ଉତ୍କୃଷ୍ଟମାନର ହେବା ଦରକାର । ପାଣିର ଗୁଣ କହିଲେ ମୁଖ୍ୟତଃ ଏହାର ପି.ଏଚ୍. ବା କ୍ଷାରତ୍ୱକୁ ବୁଝାଇଥାଏ । ପାଣିର କ୍ଷାରତ୍ୱ ୭.୫ରୁ ୮.୫ ମଧ୍ୟରେ ରହିଲେ ଭଲ । ପାଣି ଅଳ୍ପ କ୍ଷାରଯୁକ୍ତ ରହିଲେ ପୋଖରୀ ତଳ ମାଟିରେ ଥିବା ମୁଖ୍ୟସାର ପାଣିକୁ କ୍ଷରଣ ହୋଇଥାଏ । ଫଳରେ ପାଣିର ମାନ ବୃଦ୍ଧି ଘଟିଥାଏ । ପି.ଏଚ୍. ବୃଦ୍ଧି ପାଇଁ ପୋଖରୀରେ ଶିପଚୂନ ପକାଇବା ଭଲ ।

## (ଖ) ଦ୍ରବୀଭୂତ ଅମ୍ଳଜାନ

ମାଛ ଯେହେତୁ ପାଣି ମଧ୍ୟରେ ରହେ, ତେଣୁ ତାର ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅମ୍ଳଜାନର ଆବଶ୍ୟକତା ପଡ଼ିଥାଏ । ପାଣିରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ପ୍ରତି ଲିଟର୍ ପିଛା ୫-୯ ମି.ଗ୍ରା. ଭିତରେ ରହିଲେ ଭଲ । ପୋଖରୀ ଦଳମୁକ୍ତ ରହିଲେ ଏବଂ ପାଣିକୁ ଚୂନ

ପ୍ରୟୋଗ କରି ବିଶୋଧିତ କରାଯାଉଥିଲେ ପାଣିରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ସଠିକ୍ ରହିଥାଏ ।

## (ଗ) ମାଛର ଖାଦ୍ୟ

ମାଛର ମୁଖ୍ୟ ପ୍ରାକୃତିକ ଖାଦ୍ୟହେଲା ପ୍ଲାଙ୍କଟନ୍ । ସାଧାରଣତଃ ୧୦୦ଲିଟର୍ ପାଣିରେ ୩ ମି.ଲି. ଜୀବ ପ୍ଲାଙ୍କଟନ୍ ଥିଲେ ମାଛର ପ୍ରାକୃତିକ ଖାଦ୍ୟ ଯଥେଷ୍ଟ ଅଛି ବୋଲି କୁହାଯାଏ । ଏଥିପାଇଁ ପୋଖରୀରେ କଞ୍ଚା ଗୋବର ପ୍ରୟୋଗ କରିବା ସହ ରାସାୟନିକ ସାର ହିସାବରେ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ପ୍ରୟୋଗ କରାଯାଇଥାଏ । ଏତଦ୍‌ବ୍ୟତୀତ ମାଛମାନଙ୍କ ଶରୀରର ଅଭିବୃଦ୍ଧି ପାଇଁ କୃତ୍ରିମ ଖାଦ୍ୟର ଆବଶ୍ୟକତା ମଧ୍ୟ ପଡ଼ିଥାଏ । କୃତ୍ରିମ ଖାଦ୍ୟ ହିସାବରେ କାଣ୍ଡିଆକୁଣ୍ଡା, ବାଦାମ ପିଡ଼ିଆ/ସୋରିଷ ପିଡ଼ିଆ/ରାଶି ପିଡ଼ିଆ ସମାନ ଅନୁପାତରେ ମିଶାଇ ମାଛ ଶରୀର ଓଜନର ଶତକଡ଼ା ୪ ରୁ ୫ ଭାଗ ହିସାବରେ ପ୍ରତିଦିନ ଦୁଇଥର ଦିଆଯାଏ ।

## (ଘ) ମାଛର ରୋଗ ନିରାକରଣ

ମାଛ ମାନଙ୍କୁ ରୋଗ ଦାଉରୁ ରକ୍ଷା କରିବା ପାଇଁ ରୋଗ ପ୍ରତିଷେଧକ କିମ୍ବା ରୋଗ ହେଲେ ମତ୍ସ୍ୟ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ରୋଗ ନିରାକରଣ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍ । ଏଥିପାଇଁ ବିଶେଷତଃ ପୋଟାସିୟମ୍ ପରମାଙ୍ଗାନେଟ୍ ଲିଟର୍ ପ୍ରତି ୫ ମି.ଲି ଗ୍ରାମ୍ ହିସାବରେ ପାଣିରେ ମିଶାଇ ମାଛକୁ ସେଥିରେ ୫-୧୦ମନିଟ୍ ରଖିବା ଆବଶ୍ୟକ । ଏହା ସହିତ ଶୀତ ଦିନ ଆରମ୍ଭରେ ଚୂନ ପ୍ରୟୋଗ ବେଳେ ଚୂନ ୧୦ଭାଗକୁ ହଳଦୀଗୁଣ୍ଡ ୧ ଭାଗ ମିଶାଇ ତାକୁ ପୋଖରୀରେ ପ୍ରୟୋଗ କରାଯାଇପାରିବ । ଏହାଦ୍ୱାରା ପୋଖରୀ ପାଣି ପରିଷ୍କାର ରହିବା ସହ ମାଛମାନଙ୍କୁ ରୋଗ ହୋଇନଥାଏ ।

ତେଣୁ ମାଛ ଚାଷ କରିବା ପାଇଁ ଚାଷୀ ଭାଇ ମାନେ ମତ୍ସ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ବୈଜ୍ଞାନିକ ପ୍ରଣାଳୀରେ ଉପର ଲିଖିତ ମାଛ ଚାଷ ପ୍ରଣାଳୀ ମାନ ଅବଲମ୍ବନ କଲେ ସେମାନଙ୍କର ବର୍ତ୍ତମାନର ମତ୍ସ୍ୟ ଉତ୍ପାଦନ କ୍ଷମତା ବୃଦ୍ଧି ହେବା ସଙ୍ଗେ ସେମାନଙ୍କର ଆର୍ଥିକ ମାନଦଣ୍ଡ ମଧ୍ୟ ସୁଦୃଢ଼ ହୋଇପାରିବ ।


# ମାଛ ଚାଷ ପାଇଁ ପୋଖରୀ ପ୍ରସ୍ତୁତି ଓ ପରିଚାଳନା

ମାଛ ଚାଷ ପାଇଁ ପ୍ରଥମେ ଭଲ ପୋଖରୀଟିଏ ଆବଶ୍ୟକ । ପୋଖରୀଟି ଆୟତାକାର ଓ ଏହାର ଆୟତନ ଅତି କମ୍‌ରେ ଅଧା ଏକର ହେବା ଉଚିତ୍ । ଏଥିରେ ଖରାଦିନେ ଅତି କମ୍‌ରେ ୪ରୁ ୫ଫୁଟ୍ ପାଣି ରହିବା ଆବଶ୍ୟକ । ପୋଖରୀର ଚାରି ପାଖ ହୁଡ଼ା ଉଚ୍ଚା ହେବା ଦରକାର, ଯେପରିକି ବାହାର ପାଣି ଭିତରକୁ ଆସି ପାରିବ ନାହିଁ କି ଭିତର ପାଣି ବାହାରକୁ ଯାଇପାରିବ ନାହିଁ । ଗାଁ ଗହଳିରେ ଥିବା ପୁରୁଣା ପୋଖରୀ ଓ ଗାଡ଼ିଆ ଗୁଡ଼ିକ ପ୍ରାୟ ଅନେକ କ୍ଷେତ୍ରରେ ପଙ୍କ, ଦଳପୂର୍ଣ୍ଣ ଓ ମାଛ ଚାଷ ପାଇଁ ଅନୁପଯୁକ୍ତ । ଏହିସବୁ ପୋଖରୀ ମାଟିରେ ଅମ୍ଳାଂଶ ଅଧିକ ଥିବାରୁ ମାଛ ମାନେ ଭଲ ବଢ଼ନ୍ତି ନାହିଁ । ଖରାଦିନେ ପୋଖରୀ ଶୁଖିଗଲେ ବା ପମ୍ପ ସାହାଯ୍ୟରେ ପାଣି ଶୁଖାଇ ଏଥିରୁ ପଙ୍କୋଦ୍ଧାର କାର୍ଯ୍ୟ କରାଯିବା ଉଚିତ୍ । ସାଧାରଣତଃ ବର୍ଷାଦିନ ଆରମ୍ଭ ହେବା ପୂର୍ବରୁ ପୋଖରୀକୁ ଭଲଭାବେ ପ୍ରସ୍ତୁତ କରିବା ଉଚିତ୍ । କାରଣ ବର୍ଷା ଦିନେ ପୋଖରୀରେ ଜାଆଁଳ ଛଡ଼ାଯାଏ । ଯେଉଁସବୁ ପୋଖରୀରେ ମୋଟେ ପାଣି ଶୁଖେ ନାହିଁ ସେସବୁକୁ ଗ୍ରୀଷ୍ମ ଦିନେ ନିମ୍ନଲିଖିତ ଉପାୟରେ ପରିଚାଳନା କରିବା ଉଚିତ୍ ।

### ୧. ଦଳ ଦୂରୀକରଣ


ପୋଖରୀରେ ଅଧିକ ପରିମାଣର ଦଳ ହୋଇଗଲେ ବହୁତ ଗୁଡ଼ିଏ ଅସୁବିଧା ସୃଷ୍ଟି ହୁଏ । ଯଥା-


- ମାଛ ମାନଙ୍କର ଯାତାୟତରେ ଅସୁବିଧା ହୁଏ ।
- ଶିକାରୀ ମାଛ ମାନଙ୍କୁ ଆଶ୍ରୟସ୍ଥଳୀ ମିଳିଯାଏ ।
- ମାଛ ମାନଙ୍କର ବଢ଼ିବାରେ ବାଧା ସୃଷ୍ଟି କରେ ।
- ପାଣି ଭିତରକୁ ଖରା ପଡ଼ିପାରେ ନାହିଁ ଓ ସେଥିରୁ ବିଭିନ୍ନ ବିଷାକ୍ତ ଗ୍ୟାସ୍ ସୃଷ୍ଟି ହୋଇ ମାଛମାନଙ୍କର କ୍ଷତି କରିଥାଏ ।




ଏସବୁକୁ ନଜରରେ ରଖି ପୋଖରୀରୁ ଦଳ ବାହାର କରିଦେବା ନିତାନ୍ତ ଆବଶ୍ୟକ । ଆମୋନିଆ ଗ୍ୟାସ୍ ବ୍ୟବହାର କରି ପୋଖରୀର ଦଳ ମାରିବା ପଦ୍ଧତି କଟକସ୍ଥିତ ଗବେଷଣାଗାରରେ ଉଦ୍ଭାବନ କରାଯାଇଛି । ଏହାଛଡ଼ା ଦଳପୂର୍ଣ୍ଣ ପୋଖରୀରେ ଗ୍ରାସ୍‌କାର୍ପ ବା ଦଳଖିଆ ମାଛ ଛାଡ଼ିଦେଲେ ସେମାନଙ୍କ ଦ୍ୱାରା ଅନେକାଂଶରେ ଦଳ ନିରାକରଣ ହୋଇଯାଏ ।

## ୨. ଶିକାରୀ ମାଛ ଦୂରୀକରଣ







ପୋଖରୀରେ ଥିବା ବିଭିନ୍ନ ପ୍ରକାରର ଶିକାରୀ ମାଛ ଯଥା- ବାଳିଆ, ଚିତଳ, ଫଳି, ଗଡ଼ିଶା, କଣ୍ଟିଆ ଓ ଶେଉଳ ଇତ୍ୟାଦିଙ୍କୁ ମାରି ବାହାର କରିଦେବା ଆବଶ୍ୟକ । ନଚେତ୍ ଏମାନେ ମାଛ ପୋଖରୀରେ ଛଡ଼ାଯାଇଥିବା ଜାତିଆ ମାଛ ଜାଆଁଳ ମାନଙ୍କୁ ଖାଇଯିବେ । ସାଧାରଣ ଜାଲ ଦ୍ୱାରା ଏହି ଶିକାରୀ ମାଛ ମାନଙ୍କୁ ସମ୍ପୂର୍ଣ୍ଣ ଭାବେ ବାହାର କରିହୁଏ ନାହିଁ । ତେଣୁ ଯଥା ସମ୍ଭବ ପୋଖରୀରୁ ପାଣି ବାହାର କରିଦେଇ ଏକ ମିଟର ଗଭୀର ପାଣିରେ ଏକର ପିଛା ୮୦୦କେଜି ହିସାବରେ ମହୁଲ ପିଡ଼ିଆ ପ୍ରୟୋଗ କଲେ ଏହି ମାଛ ମାନେ ନିସ୍ତେଜ ହୋଇ ପାଣିରେ ଭାସିବେ ଓ ସେଗୁଡ଼ିକୁ ସହଜରେ ପାଣିରୁ ବାହାର କରିହେବ । ମହୁଲ ପିଡ଼ିଆ ମାଛ ମାନଙ୍କ ପାଇଁ ବିଷାକ୍ତ ହେଲେ ମଧ୍ୟ ମନୁଷ୍ୟମାନଙ୍କ ପାଇଁ ଏକାନ୍ତ ନିରାପଦ । ତାଛଡ଼ା, ଏହା ୧୫-୨୦ ଦିନ ପରେ ସଢ଼ି ଯାଇ ମାଛର ଖାଦ୍ୟ ରୂପେ ବ୍ୟବହୃତ ହୋଇଥାଏ । ମହୁଲ ପିଡ଼ିଆ ନମିଳିଲେ ଜାଆଁଳ ଛାଡ଼ିବାର ୧ ମାସ ଆଗରୁ ବ୍ଲିଚିଂ ପାଉଡ଼ର ବା ବ୍ଲିଚିଂ ପାଉଡ଼ର ସହ ୟୁରିଆ ପ୍ରୟୋଗ କରାଯାଇପାରିବ । ୩ଫୁଟ୍ ପାଣି ରହୁଥିବା ୧ ଏକର ପୋଖରୀରେ ୧୦୦କେଜି ବ୍ଲିଚିଂ ପାଉଡ଼ର ବା ୪୦କେଜି ୟୁରିଆ ପ୍ରୟୋଗ କରିବାର ଦିନକ ପରେ ୭୦କେଜି ବ୍ଲିଚିଂ ପାଉଡ଼ର ପ୍ରୟୋଗ କରି ଶିକାରୀ ମାଛକୁ ଦମନ କରାଯାଇପାରିବ ।

## ୩. ଚୂନର ବ୍ୟବହାର



ଶିକାରୀ ମାଛ ମାରିବାର ୧୦ ବା ୧୫ ଦିନ ପରେ ପୋଖରୀରେ ଏକର ପିଛା ୮୦ ରୁ ୧୦୦ କେ.ଜି. ଚୂନ ପ୍ରୟୋଗ କଲେ ଅନେକ ଉପକାର ମିଳିଥାଏ । ଯଥା-

- ପୋଖରୀ ରୋଗ ଜୀବାଣୁ ମୁକ୍ତ ହୋଇଥାଏ ।
- ଜଳର ଉର୍ବରତା ବଢ଼ିଥାଏ ।
- ପୋଖରୀର ଅମ୍ଳତ୍ୱ ବା ଖଟା ଅଂଶ ନଷ୍ଟ ହୋଇଥାଏ ।

## ୪. ସାର ଓ ଖତ ପ୍ରୟୋଗ

ଚୂନ ପକାଇବାର ଅଳ୍ପ କେତେଦିନ ପରେ ମାଛ ଜାଆଁଳ ଛାଡ଼ିବା ପୂର୍ବରୁ



ପୋଖରୀର ଉର୍ବରତା ବଢ଼ାଇବା ପାଇଁ ଜୈବିକ ଓ ରାସାୟନିକ ସାରର ମିଶ୍ରଣ ଦିଆଯାଇଥାଏ । ଗୋବର ଓ କୁକୁଡ଼ା ମଳ ପ୍ରଭୃତି ଜୈବିକ ସାରର ଅନ୍ତର୍ଭୁକ୍ତ । ଗୋବର ଦ୍ୱାରା ପ୍ଲାଙ୍କଟନ୍ ଅଧିକ ପରିମାଣର ସୃଷ୍ଟି ହୋଇଥାଏ, ଯାହା ମାଛର ପ୍ରାକୃତିକ ଖାଦ୍ୟ ରୂପେ ବ୍ୟବହୃତ ହୁଏ । ରାସାୟନିକ ସାର ମଧ୍ୟରେ ସୁପର ଫସ୍‌ଫେଟ୍, ଆମୋନିୟମ୍ ସଲ୍‌ଫେଟ୍ ଓ ପୋଟାସିୟମ୍ ନାଇଟ୍ରେଟ୍ ଇତ୍ୟାଦି ଅନ୍ତର୍ଭୁକ୍ତ । ଗୋବର ସାଧାରଣତଃ ଏକର ପିଛା ୫୦୦୦-୧୦୦୦୦ କେଜି ହିସାବରେ ପୋଖରୀରେ ପକାଯାଇଥାଏ ଓ ପରେ ଜାଆଁଳ ଛାଡ଼ିବାର ୩ଦିନ ପରେ ଏକର ପିଛା ୨୦୦୦ କେଜି ହିସାବରେ ପକାଯାଏ । ଏକର ପିଛା ଆମୋନିୟମ୍ ସଲ୍‌ଫେଟ୍ ୫୦କେଜି, ସୁପର ସାର ୪୫କେଜି ଏବଂ ପୋଟାସିୟମ୍ ନାଇଟ୍ରେଟ୍ ସାର ୮ କେଜି ହିସାବରେ ଦିଆଯାଏ । ସାର ପ୍ରୟୋଗ କରିବାର ୨୪ ବା ୨୫ ଦିନ ପରେ ପୋଖରୀରେ ଜାଆଁଳ ଛଡ଼ାଯାଏ ।

## ୫. ଜଳୀୟ ପୋକ ନିୟନ୍ତ୍ରଣ

ପୋଖରୀରେ ଦେଖା ଦେଉଥିବା ଅଦରକାରୀ ଜଳୀୟ ପୋକ ଯଥା- ନୋଟୋନେକ୍ଟା, ରାନାଟ୍ରା, ଆନିଶୋପ ଇତ୍ୟାଦି ପୋକଗୁଡ଼ିକୁ ଜାଆଁଳ ଛାଡ଼ିବା ପୂର୍ବରୁ ସଫା କରିବା ଆବଶ୍ୟକ । ବାରମ୍ବାର ଜାଲ ଟାଣି ଏହି ପୋକଗୁଡ଼ିକୁ ଅଲଗା କରାଯାଇପାରିବ । ନଚେତ୍ ଏକର ପିଛା ୨୨ଲିଟର ଖାଇବା ତେଲ ଓ ୭କେଜି ଶସ୍ତା ସାବୁନ୍‌ର ମିଶ୍ରଣର ବ୍ୟବହାର କିମ୍ବା ଏକର ପିଛା ୩୦ଲିଟର ଡିଜେଲଓ ୨୫୦ ମି.ଲି. ତରଳ ସାବୁନ୍‌ର ମିଶ୍ରଣ ପ୍ରୟୋଗ ଦ୍ୱାରା ଜଳୀୟ ପୋକ ମାନଙ୍କୁ ନିୟନ୍ତ୍ରଣ କରାଯାଇ ପାରିବ । ଏକର ପିଛା ୪୦ ଲିଟରରୁ ୮୦ ଲିଟର କିରୋସିନ୍‌ର ବ୍ୟବହାର କିମ୍ବା ଏକର ପିଛା ୮୦୦ ଗ୍ରାମ୍‌ରୁ ୧୨୦୦ ଗ୍ରାମ୍ ଡିଟର୍‌ଜେଣ୍ଟ୍ ପାଉଡ଼ରର ବ୍ୟବହାର ମଧ୍ୟ ସ୍ଥଳ ବିଶେଷରେ କାମ ଦେଇଥାଏ ।

## ପୋଖରୀ ମୃତ୍ତିକାର ଉର୍ବରତା ପ୍ରାପ୍ତି ନିମନ୍ତେ କେତେକ ପଦକ୍ଷେପ

ମାଛର ବୃଦ୍ଧି ଓ ଅଧିକ ଉତ୍ପାଦନ ପାଇଁ ପୋଖରୀ ମାଟିରେ ନାଇଟ୍ରୋଜେନ୍, ଫସ୍‌ଫରସ୍ ଓ କ୍ୟାଲ୍‌ସିୟମ୍ ରହିବା ନିତାନ୍ତ ଆବଶ୍ୟକ । ଏସବୁ ଦ୍ରବ୍ୟର କମ୍ ହେଲେ ମାଛ ଖାଦ୍ୟ ପ୍ରସ୍ତୁତିରେ ବାଧା ସୃଷ୍ଟି ହୁଏ । ପ୍ରତିବର୍ଷ ବା ଦୁଇବର୍ଷରେ ଥରେ ପୋଖରୀକୁ ଶୁଖାଇଲେ ମାଟିର ଉର୍ବରତା ବଢ଼ିଥାଏ । ଶୁଖିଲା ପୋଖରୀର ମାଟିକୁ ହଳ କଲେ ମାଟି ସୂର୍ଯ୍ୟତାପ ପାଇପାରେ ଓ ଏହାଦ୍ୱାରା ବାୟୁମଣ୍ଡଳରୁ ଯବକ୍ଷାରଜାନ ସାର ସଂଗ୍ରହ ହୋଇପାରେ, ମାଟିରେ ଥିବା ବିଭିନ୍ନ ପ୍ରକାରର କ୍ଷତିକାରକ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହୋଇଥାଏ ଓ ପୋଖରୀରେ

ଥିବା ଦଳ ଓ ଅଜାତିଆ ମାଛ ପରିଷ୍କାର ହୋଇଯାଏ । ଖରାଦିନେ ଅର୍ଥାତ୍ ମେ ଓ ଜୁନ୍ ମାସରେ ସବୁ ମାଛ ଧରାଯିବା ପରେ ପରବର୍ତ୍ତୀ ବର୍ଷର ଚାଷ ପାଇଁ ଚୂନ ପକାଯାଏ । କ୍ଷାରଯୁକ୍ତ ମାଟି ଓ ପାଣି ମାଛ ଚାଷ ପାଇଁ ନିହାତି ଜରୁରୀ । ଅମ୍ଳମୁକ୍ତ ମାଟି ଓ ପାଣିରେ ମାଛ ଭଲ ବଢ଼େ ନାହିଁ ।

ଚୂନ ପକାଇବା ଦ୍ୱାରା ଅମ୍ଳଯୁକ୍ତ ମାଟି ଶୋଧିତ ହୁଏ ଓ କ୍ଷାରଯୁକ୍ତ ହୁଏ । ଏହାଦ୍ୱାରା ମାଟିରେ ଥିବା ଜୀବାଣୁ ବଞ୍ଚିପାରନ୍ତି ଓ ଯବକ୍ଷାରଜାନ ଜାତୀୟ ପଦାର୍ଥର ରାସାୟନିକ ପ୍ରକ୍ରିୟାରେ ପରିବର୍ତ୍ତନ କରାଇ ପାଣିରେ ଉର୍ବରତା ବଢ଼ାଇବାରେ ସାହାଯ୍ୟ କରେ । ଚୂନ ପ୍ରୟୋଗ ଦ୍ୱାରା ଜୈବିକ ସାରର ପତନକ୍ରିୟା ତ୍ୱରାନ୍ୱିତ ହୋଇଥାଏ ଏବଂ ପାଣିରେ ଅଧିକ ପରିମାଣରେ ଅମ୍ଳଜାନ ଦ୍ରବୀଭୂତ କରିବାରେ ସାହାଯ୍ୟ କରିଥାଏ । ଚୂନ ପାଣିରେ ଭାସୁଥିବା ଅନେକ ଅଦ୍ରବ୍ୟଧାତୁ ଓ କାଦୁଅକୁ ତଳେ ବସାଇ ପାଣିକୁ ପରିଷ୍କାର କରିଥାଏ । ଏହାଦ୍ୱାରା ସୂର୍ଯ୍ୟାଲୋକ ପାଣି ଭିତରକୁ ପ୍ରବେଶ କରିଥାଏ । ଚୂନ ମାଛକୁ ରୋଗମୁକ୍ତ ରଖିବାରେ ସାହାଯ୍ୟ କରେ ଓ ମାଛ ଏହାକୁ ସିଧାସଳଖ ଖାଇଥାନ୍ତି । ଯାହା ସେମାନଙ୍କର ଅସ୍ଥିଗଠନ ଓ ବୃଦ୍ଧିରେ ସାହାଯ୍ୟ କରେ । ସବୁଜ ସାର କମ୍ପୋଷ୍ଟ ଓ କଞ୍ଚା ଗୋବର ପ୍ରୟୋଗ ଦ୍ୱାରା ମାଟିର ଗୁଣାତ୍ମକ ମାନ ବଢ଼ିଥାଏ । ଏହା ମାଟିକୁ ଯବକ୍ଷାରଜାନ ଓ ଫସ୍‌ଫରସ୍ ଯୋଗାଏ । ସବୁଜ ସାର ଧନିଚା ଗଛରୁ ବେଶି ମିଳିଥାଏ । ବର୍ଷସାରା ନିୟମିତ ବ୍ୟବଧାନରେ କଞ୍ଚା ଗୋବର ପ୍ରୟୋଗ କଲେ କ୍ରମାଗତ ଭାବେ ପ୍ରାକୃତିକ ଖାଦ୍ୟ (Plankton) ସୃଷ୍ଟି ହୁଏ । କଞ୍ଚା ଗୋବରରେ ଥିବା ଏମୋନିଆ (ନାଇଟ୍ରୋଜେନ୍ ସାର) ବାହାରକୁ ନିର୍ଗତ ହୁଏ । ତେଣୁ ଗୋବର ସହ ଫସ୍‌ଫେଟ୍ ସାର ମିଶାଇ ରଖିଲେ ଯବକ୍ଷାରଜାନ କ୍ଷୟର ସମ୍ଭାବନା ନଥାଏ । କ୍ୟାଲ୍‌ସିୟମ୍ ସାର (କ୍ୟାଲ୍‌ସିୟମ୍ ଏମୋନିୟମ୍ ନାଇଟ୍ରେଟ୍) ପୋଖରୀରେ ମାସିକିଆ କିସ୍ତିରେ ପକାଇଲେ ପାଣି କ୍ଷାର ଯୁକ୍ତ ହେବା ସଙ୍ଗେ ସଙ୍ଗେ ଯବକ୍ଷାରଜାନ ପାଣିରେ ଦ୍ରବୀଭୂତ ହୁଏ ଓ ଏହା ମାଛର ପ୍ରାକୃତିକ ଖାଦ୍ୟ ଉତ୍ପାଦନରେ ସାହାଯ୍ୟ କରେ । ମାଛ ଚାଷ ପୋଖରୀରେ ରାସାୟନିକ ସାର ଅପେକ୍ଷା ଜୈବିକ ସାରର ପ୍ରୟୋଗ ଦ୍ୱାରା ଅଧିକ ସୁଫଳ ମିଳିଥାଏ । ଜୈବିକ ସାରର ମୂଲ୍ୟ କମ୍ ହୋଇଥିବାରୁ ଚାଷୀମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିନଥାଏ ।

## ଉତ୍କୃଷ୍ଟ ଧରଣର ମାଛ ଜାଆଁଳର ବ୍ୟବହାର

ପୋଖରୀକୁ ଭଲ ଭାବେ ପ୍ରସ୍ତୁତ କରିସାରିବା ପରେ ମାଛ ଜାଆଁଳ ଛାଡ଼ିବା ଉଚିତ୍ । ଏଥି ପାଇଁ ଶୀଘ୍ର ବଢୁଥିବା ଜାତୀୟା ଜାଆଁଳ ଛାଡ଼ିବା ଦରକାର । ଜୁଲାଇ ମାସ ଶେଷ ବା ଅଗଷ୍ଟ ମାସ ଆରମ୍ଭରେ ଏକର ପିଛା ୪୦୦୦ ମିଶ୍ରିତ ଜାଆଁଳ ବା ୨୦୦୦ ମିଶ୍ରିତ ବଡ଼ ଜାଆଁଳ ନିମ୍ନ ପ୍ରକାରେ ଛାଡ଼ିବା ଉଚିତ୍ । ଯଥା:-

## ତିନି ପ୍ରକାର ଜାଆଁଳ ସମିଶ୍ରଣ

| ଜାଆଁଳ ଜାତି | ଶତକଡ଼ା ହାର | ଜାଆଁଳ ସଂଖ୍ୟା (୨୦-୪୦ ମିମି) | ବଡ଼ ଜାଆଁଳ ସଂଖ୍ୟା (୪୦-୬୦ ମିମି) |
|---|---|---|---|
| ଭାକୁଡ଼ | ୩୦% | ୧୨୦୦ | ୬୦୦ |
| ରୋହୀ | ୪୦% | ୧୬୦୦ | ୮୦୦ |
| ମିରିକାଲୀ | ୩୦% | ୧୨୦୦ | ୬୦୦ |
| ମୋଟ୍ | ୧୦୦% | ୪୦୦୦ | ୨୦୦୦ |

## ଚାରି ପ୍ରକାର ଜାଆଁଳ ସମିଶ୍ରଣ

| ଜାଆଁଳ ଜାତି | ଶତକଡ଼ା ହାର | ଜାଆଁଳ ସଂଖ୍ୟା | ବଡ଼ ଜାଆଁଳ ସଂଖ୍ୟା |
|---|---|---|---|
| ଭାକୁଡ଼ | ୩୦% | ୧୨୦୦ | ୬୦୦ |
| ରୋହୀ | ୪୦% | ୧୬୦୦ | ୮୦୦ |
| ମିରିକାଲୀ | ୨୦% | ୮୦୦ | ୪୦୦ |
| ବିଲାତିରୋହୀ | ୧୦% | ୪୦୦ | ୨୦୦ |
| ମୋଟ୍ | ୧୦୦% | ୪୦୦୦ | ୨୦୦୦ |

ଏହାଛଡ଼ା ପୋଖରୀରେ ଦଳ ଥିଲେ ଦଳଖିଆ ମାଛ ମଧ୍ୟ ଛଡ଼ାଯାଇ ପାରେ । ସେହିପରି ପୋଖରୀରେ ଅଧିକ ନେଳି ଥିଲେ ଅଳ୍ପ ସଂଖ୍ୟାରେ ସିଲ୍‌ଭର୍ କାର୍ପ ଛଡ଼ାଯାଇପାରେ ।

ପୋଖରୀରେ ଖାଦ୍ୟ ତିନି ସ୍ତରରେ ଥାଏ । ଉପର ସ୍ତର, ମଝି ସ୍ତର ଓ ତଳ ସ୍ତର । ଭାକୁର ମାଛ ଉପରସ୍ତର ଖାଦ୍ୟ, ରୋହି ମାଛ ମଝିସ୍ତର ଖାଦ୍ୟ ଓ ମିରିକାଲୀ/ବିଲାତିରୋହୀ ମାଛ ତଳସ୍ତର ଖାଦ୍ୟ ଖାଆନ୍ତି । ତେଣୁ ଗୋଟିଏ ପ୍ରକାର ମାଛ ଛାଡ଼ିଲେ ଗୋଟିଏ ସ୍ତର ଖାଦ୍ୟ ବ୍ୟବହାର ହେବ ଓ ଅନ୍ୟସ୍ତର ଖାଦ୍ୟ ବ୍ୟବହାର ହୋଇପାରିବ ନାହିଁ । ଫଳରେ ମାଛ ମଧ୍ୟ ଭଲ ବଢ଼ିବେ ନାହିଁ । ତେଣୁ ସବୁବେଳେ ୩ ବା ୪ ପ୍ରକାର ମାଛ ଛାଡ଼ିବା ଭଲ ।

ସୁତରାଂ ମାଛଚାଷୀ ମାନେ ଉପରୋକ୍ତ ପ୍ରଣାଳୀରେ ଉନ୍ନତ ପୋଖରୀ ପରିଚାଳନା ଦ୍ୱାରା ମାଛ ଉତ୍ପାଦନ ବୃଦ୍ଧି କରିପାରିବେ ।





# ମାଛ ଜାଆଁଳ ଉତ୍ପାଦନ

ଭଲ ଫସଲଟିଏ ଉତାରିବା ପାଇଁ ଉନ୍ନତ ମାନର ବିହନ ନିହାତି ଆବଶ୍ୟକ । ମାଛ ଚାଷ କ୍ଷେତ୍ରରେ ମଧ୍ୟ ଅଧିକ ଉତ୍ପାଦନ ପାଇଁ ବିଶୁଦ୍ଧ, ନିରୋଗ, କ୍ଷତରହିତ ତଥା ଜାତିଆ ମାଛ ଜାଆଁଳ ଏକାନ୍ତ ଆବଶ୍ୟକ । ବେଳେ ବେଳେ ବୁଲାବିକାଳିଙ୍କ କଥାରେ ପ୍ରଲୋଭିତ ହୋଇ ଚାଷୀ ଉଭୟ ଜାଆଁଳର ପରିମାଣ ଓ କିସମରେ ଠକି ଯାଇଥାଏ । ଅଧିକ ଉତ୍ପାଦନ ପାଇଁ କେବଳ ଯେକୌଣସି ଗୋଟିଏ ଜାତିର ଜାଆଁଳ ନେଇ ପୋଖରୀରେ ଛାଡ଼ି ଦେଲେ ଚଳିବ ନାହିଁ । ସବୁ ସମୟରେ ଜାଆଁଳ କିଣିବା ବେଳେ ତିନି ପ୍ରକାର ବା ପ୍ରଜାତିର ଜାଆଁଳ ମିଶାଇ କିଣିବା ଉଚିତ୍ । ପୋଖରୀରେ ପ୍ରାକୃତିକ ଖାଦ୍ୟର ସୁବିନିଯୋଗ ପାଇଁ ତିନି ସ୍ତରରେ ରହୁଥିବା ମାଛ ମାନଙ୍କୁ ହିଁ ପାଳନ କରାଯାଇଥାଏ । ଅନେକ ଚାଷୀ ଭାକୁଡ଼ ମାଛ ଶୀଘ୍ର ବଢ଼ିପାରେ ବୋଲି ଜାଆଁଳ କିଣିବା ବେଳେ ଅଧିକ ସଂଖ୍ୟକ ବା କେବଳ ଭାକୁଡ଼ ଜାଆଁଳ କିଣିବା ପାଇଁ ଆଗ୍ରହୀ ହୋଇଥାନ୍ତି । କିନ୍ତୁ ଏହା ଏକ ଭୁଲ୍ ଧାରଣା । ଯଦି କୌଣସି ପୋଖରୀରେ ଖୁବ୍ ବେଶୀ ସଂଖ୍ୟାରେ ଭାକୁଡ଼ ଓ ଅନ୍ୟାନ୍ୟ ଜାଆଁଳକୁ କମ୍ ସଂଖ୍ୟାରେ ଛାଡ଼ି ଦିଆଯାଏ, କିମ୍ବା ଅନ୍ୟ କୌଣସି ଜାତିଆ ଜାଆଁଳ ନଥାଇ କେବଳ ଭାକୁଡ଼ ଜାଆଁଳକୁ ଅଧିକ ସଂଖ୍ୟାରେ ନେଇ ପୋଖରୀରେ ଛାଡ଼ି ଦିଆଯାଏ, ତେବେ ମାଛ ଗୁଡ଼ିକ ଭଲ ବଢ଼ିପାରନ୍ତି ନାହିଁ । ଫଳରେ ଉତ୍ପାଦନ କମିଯାଏ । ସେଥିପାଇଁ ଉନ୍ନତ ମାଛ ଚାଷରେ ନିର୍ଦ୍ଦିଷ୍ଟ କିସମ ଓ ପରିମାଣର ଜାଆଁଳ ବ୍ୟବହାର କରାଯାଇଥାଏ ।

ଯଦି ଭୁଲ୍‌ରେ କୌଣସି ପୋଖରୀରେ ପ୍ରଥମରୁ ଅଧିକ ସଂଖ୍ୟାରେ ଜାଆଁଳ ଛାଡ଼ି ଦିଆଯାଏ, ତେବେ ୨ ରୁ ୩ ମାସ ପରେ ସେଥିରୁ କିଛି କିଛି ଧରି ନେଇ ଅନ୍ୟ ପୋଖରୀରେ ଛାଡ଼ି ଦିଆଯାଇପାରେ ବା ବିକ୍ରି କରାଯାଇପାରେ । ଏହିପରି ପ୍ରତି ମାସେ ବା ଦୁଇମାସରେ କିଛି କିଛି ଧରି ବାହାର କରିଦେଲେ ସେମାନଙ୍କର ସଂଖ୍ୟା କ୍ରମଶଃ ପତଳା ହୋଇଥାଏ ଓ ମାଛ ଗୁଡ଼ିକ ଭଲ ବଢ଼ିଥାନ୍ତି ଏବଂ ମୋଟ୍ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଥାଏ ।

## ଜାଆଁଳ ଚିହ୍ନିବେ କିପରି ?

ନିମ୍ନଲିଖିତ କେତେକ ସାଧାରଣ ଲକ୍ଷଣ ଓ ଆକୃତି ଦେଖି ଜାଆଁଳ ଚିହ୍ନି ପାରିବେ । ସନ୍ଦେହ ହେଲେ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ବା ମତ୍ସ୍ୟ ବିଭାଗ କର୍ମଚାରୀଙ୍କ ସହ ପରାମର୍ଶ କରିବା ଉଚିତ୍ ।

### ୧. ଭାକୁଡ଼ ଜାଆଁଳ

ଅପେକ୍ଷାକୃତ ଅଧିକ ଚଉଡ଼ା । ମୁଣ୍ଡ ବଡ଼, ପାଟି ଉପର ମୁହଁ ଓ ତଳ ଓଠ ମୋଟା । ଲାଞ୍ଜ ମୂଳ ବା କଡ଼ରେ କୌଣସି କଳା ବା ରଙ୍ଗୀନ ଚିହ୍ନ ନଥାଏ । ଏହା ପୋଖରୀର ଉପର

ସ୍ତରରୁ ପ୍ରାକୃତିକ ଖାଦ୍ୟ ଗ୍ରହଣ କରିଥାଏ ।

## ୨. ରୋହି ଜାଆଁଳ

ମୁହଁର ସମ୍ମୁଖ ଭାଗରେ ଅଙ୍କୁଶ ପରି ଅତି ଛୋଟ ଦୁଇଟି ନିଶ ଥାଏ । ଲାଞ୍ଜ ମୂଳରେ ପଟାଳିଆ କଳା ଦାଗ ଥାଏ । ଓଠ ମୋଟା ଏବଂ କୁଞ୍ଚିତ, ପାଟିର ଉପର ପାଖ ତଳକୁ ବେଶି ମାଡ଼ି ହୋଇଥାଏ ଏବଂ ତଳ ମୁହାଁ ହୋଇଥାଏ । ଏହା ପୋଖରୀର ମଧ୍ୟମ ସ୍ତରରୁ ପ୍ରାକୃତିକ ଖାଦ୍ୟ ଗ୍ରହଣ କରିଥାଏ ।

## ୩. ମିରିକାଳି ଜାଆଁଳ

ନାଶାରନ୍ଧ୍ରର ଉପର ପଟକୁ ଆଙ୍କୁଶାକୃତ ଛୋଟ ନିଶ ଥାଏ । ପାଟି ସିଧା ଓ ତଳପାଟିଆ । ଲାଞ୍ଜ ମୂଳରେ ଠିକିରି ଆକୃତିର କଳା ଚିହ୍ନ ଥାଏ । ଆଖି ଡୋଳାର ଚାରିପାଖ ଲାଲ କମଳା ରଙ୍ଗ ହୋଇଥାଏ । ଜାଆଁଳ ଅପେକ୍ଷାକୃତ ବଡ଼ ହୋଇଗଲେ ପେଟତଳ ପକ୍ଷୀ ଓ ଲାଞ୍ଜ ଉପରିଭାଗ କମଳା ଲାଲ ରଙ୍ଗର ହୋଇଥାଏ । ଏହା ପୋଖରୀର ତଳ ସ୍ତରରୁ ପ୍ରାକୃତିକ ଖାଦ୍ୟ ଗ୍ରହଣ କରିଥାଏ ।

## ୪. ରୂପା ପେଟୀ ଜାଆଁଳ

ଏହା ଏକ ଚାଇନା ଦେଶୀୟ ମାଛ । ଦେଖିବାକୁ ଇଲିଶି ମାଛର ଛୁଆପରି । କାତିଗୁଡ଼ିକ ଅତି ଛୋଟ ଛୋଟ । ଆକାରରେ ଚେପଟା । ପାଟି ଉପର ପଟିଆ, ରଙ୍ଗ ଧୂସର ଓ ରୂପା ଭଳି ଚକ୍ ଚକ୍ କରେ । ଏହା ଭାକୁଡ଼ ମାଛ ଭଳି ଖୁବ୍ ଶୀଘ୍ର ବଢ଼େ ଏବଂ ପୋଖରୀର ଉପର ସ୍ତରରୁ ପ୍ରାକୃତିକ ଖାଦ୍ୟ ସଂଗ୍ରହ କରିଥାଏ ।

## ୫. ଦଳଖାଇ ଜାଆଁଳ

ଉପର ଓଠ ତଳ ଓଠ ଅପେକ୍ଷା ଲମ୍ବା । ମୁଣ୍ଡ ସାମାନ୍ୟ ଓସାରିଆ । କାତିଗୁଡ଼ିକ ଅପେକ୍ଷାକୃତ ବଡ଼ । ରଙ୍ଗ ଧୂସର ସବୁଜ । ଲାଞ୍ଜ ପକ୍ଷୀ ମୋଟାଳିଆ ଓ ଅଗ୍ରଭାଗ ବେଶି ମୁନିଆ ନୁହେଁ । ଶରୀର ଗୋଟାଳିଆ । ଲାଞ୍ଜ ଓ ପକ୍ଷୀରେ କୌଣସି ରଙ୍ଗ ନଥାଏ । ଛୋଟ ଦିନରୁ ବିଭିନ୍ନ କିସମର ଦଳ ଖାଇଥାଏ ।

## ୬. ବିଲାତି ରୋହୀ ଜାଆଁଳ

ମୁଣ୍ଡର ଉପରଭାଗ ଟିକେ ତଳକୁ ବଙ୍କାଇ ହୋଇ ରହିଥାଏ । ଏହା ଏକ ବିଦେଶୀ ମାଛ । ଏହା ଆକାରରେ ସାଧାରଣତଃ ଚୌଡ଼ା ଓ କେରାଣ୍ଡି ପରି ସାମାନ୍ୟ ଚେପ୍‌ଟା । କେତେକ ହଳଦିଆ ମିଶା ଲାଲ ରଙ୍ଗର ଓ କେତେକ ସାମାନ୍ୟ ସବୁଜ ଧଳା ରଙ୍ଗର । ଓଠ କୁଞ୍ଚିତ ହୋଇ ତଳକୁ ଥାଏ ।

## ୭. କଳା ବଉଁଶୀ ଜାଆଁଳ

ମୁହଁର ଉଭୟ ପାଖରେ ଦୁଇହଳ ଛୋଟ ଛୋଟ କଳା ନିଶ ଥାଏ । ପାଟି ତଳ ମୁହାଁ

ଓ କୁଞ୍ଚିତ । ଏହାର ରଙ୍ଗ ଇସତ୍ କଳା ଓ ଛୋଟ ଅବସ୍ଥାରେ କଳା ଧଳାର ପଟା ପଟା ଦାଗ ଓ ପିଠି ଏବଂ ଲାଞ୍ଜ ପକ୍ଷୀର ଅଗ୍ରଭାଗରେ ଗାଢ଼ କଳା ରଙ୍ଗ ଥାଏ । ଏହା ଶୀଘ୍ର ବଢ଼େ ନାହିଁ । ତେଣୁ ମାଛ ଚାଷରେ ସାଧାରଣତଃ ଏହା ବ୍ୟବହାର କରାଯାଏ ନାହିଁ । ଏହା ପୋଖରୀର ମଧ୍ୟମ ସ୍ତରରୁ ପ୍ରାକୃତିକ ଖାଦ୍ୟ ଗ୍ରହଣ କରିଥାଏ ।


## ଜାଆଁଳ ଉତ୍ପାଦନ ପ୍ରକ୍ରିୟା

ସାଧାରଣତଃ ୨ଟି ଉପାୟରେ ଜାଆଁଳ ଉତ୍ପାଦନ କରାଯାଇଥାଏ । ଯଥା :-

## (କ) ଫ୍ରାଇ ଉତ୍ପାଦନ


ଗୁଣ୍ଡ ଜାଆଁଳ (୭-୮ ମି.ମି.)ରୁ ଫ୍ରାଇ ଜାଆଁଳ (୨୫-୩୦ ମି.ମି.) ହେବା ପର୍ଯ୍ୟନ୍ତ, ଏହାକୁ ନର୍ସରୀ ପୋଖରୀରେ ପାଳନ କରାଯାଇଥାଏ ।

## (ଖ) ଅଙ୍ଗୁଳିକା ଉତ୍ପାଦନ



ଫ୍ରାଇରୁ ଅଙ୍ଗୁଳିକା (୮୦ ରୁ ୧୦୦ ମି.ମି.) ହେବା ପର୍ଯ୍ୟନ୍ତ ଜାଆଁଳ ଗୁଡ଼ିକୁ ଅଭିପାଳନ ପୋଖରୀରେ ପାଳନ କରାଯାଇଥାଏ ।

## ଜାଆଁଳ ଚାଷ ପାଇଁ ପୋଖରୀର ଆକାର



(କ) ନର୍ସରୀ ପୋଖରୀ : କ୍ଷେତ୍ରଫଳ : ୦.୦୫-୦.୨୫ ଏକର
ପାଣିର ଗଭୀରତା : ୧.୦ - ୧.୫ ମିଟର

(ଖ) ଅଭିପାଳନ ପୋଖରୀ : କ୍ଷେତ୍ରଫଳ ୦.୨୫ - ୦.୫ ଏକର
ପାଣିର ଗଭୀରତା : ୧.୦ - ୧.୫ ମିଟର

## (କ) ନର୍ସରୀ ପୋଖରୀ ପରିଚାଳନା

ବର୍ଷାଦିନେ ୩ ରୁ ୫ ଫୁଟ ପାଣି ରହିପାରୁଥିବା ଛୋଟ ଛୋଟ ଗାଡ଼ିଆ ଯାହାର ଆକାର ୫ ରୁ ୨୫ ଡିସିମିଲି, ସେଗୁଡ଼ିକ ନର୍ସରୀ ପୋଖରୀ ପାଇଁ ଉପଯୁକ୍ତ । ସାଧାରଣତଃ ଗୁଣ୍ଡ ଜାଆଁଳ ଛାଡ଼ିବାର ୧-୨ ମାସ ପୂର୍ବରୁ ନର୍ସରୀ ପୋଖରୀକୁ ଭଲଭାବେ ପ୍ରସ୍ତୁତ କରିବା ଆବଶ୍ୟକ । ଶୁଖି ପାରୁଥିବା ନର୍ସରୀ ପୋଖରୀ ଗୁଡ଼ିକୁ ମେ’ ମାସରେ ଭଲଭାବେ ଶୁଖେଇ ହଳ କରିଦିଆଯାଏ । ଶୁଖି ନ ପାରୁଥିବା ନର୍ସରୀ ପୋଖରୀଗୁଡ଼ିକରୁ ଅଦରକାରୀ ଘାସ, ଦଳ ତଥା ଶିକାରୀ ମାଛ ଆଦିକୁ ପୂର୍ବ ବର୍ଣ୍ଣିତ ଉପାୟରେ ସଫା କରିବା ଉଚିତ୍ ।

ମାଟି ଓ ପାଣିର ଅମ୍ଳତ୍ୱ ଓ କ୍ଷାରତ୍ୱକୁ ଲକ୍ଷ୍ୟ ରଖି ଚୂନ ପ୍ରୟୋଗ କରିବାକୁ ପଡ଼ିଥାଏ । ଚୂନ ପ୍ରୟୋଗ ପରେ ମାଛର ପ୍ରାକୃତିକ ଖାଦ୍ୟ ଯଥା ପ୍ଲାଙ୍କଟନ୍ ଉତ୍ପାଦନ ବଢ଼ାଇବା ପାଇଁ ଖତ ଓ ସାର ପ୍ରୟୋଗ କରାଯାଏ ।

ନର୍ସରୀ ପୋଖରୀ ପ୍ରସ୍ତୁତ କରିସାରିବା ପରେ ୩-୪ ଦିନର ଗୁଣ୍ଡ ଜାଆଁଳ କିଛି

ଆଣି ଏକ ହାପା ମଧ୍ୟରେ ଗୋଟିଏ ଦିନ ରଖି ଲକ୍ଷ୍ୟ ରଖିବେ, ଯଦି ଗୁଣ୍ଡ ଜାଆଁଳ ଗୁଡ଼ିକ ମହୁଲ ପିଡ଼ିଆ ବା ଅନ୍ୟାନ୍ୟ ମାଛମରା ବିଷାକ୍ତ ଦ୍ରବ୍ୟର ପ୍ରୟୋଗର ପ୍ରଭାବରେ ନମରନ୍ତି, ତେବେ ତା' ପରଦିନ ସକାଳେ ଏକର ପିଛା ୧୨ ଲକ୍ଷରୁ ୨୦ ଲକ୍ଷ ଗୁଣ୍ଡ ଜାଆଁଳ ଛାଡ଼ିବା ଭଲ ।

ଜାଆଁଳ ଛାଡ଼ିବା ପରେ ପୂର୍ବ ଲିଖିତ ମାତ୍ରାର ଗୋବରଖତ, ପିଡ଼ିଆ ଓ ସିଙ୍ଗଲ ସୁପର ଫସ୍‌ଫେଟସ୍‌କୁ ୨-୩ କିସ୍ତି କରି ୧୫ ଦିନ ପ୍ରୟୋଗ କରାଯାଏ । ଏତଦ୍‌ବ୍ୟତୀତ ପ୍ରଥମ ୫ ଦିନରେ ୧୦ ଲକ୍ଷ ଗୁଣ୍ଡ ଜାଆଁଳ ପିଛା ୩ କେ.ଜି. ବାଦାମ ପିଡ଼ିଆ ଗୁଣ୍ଡ ଓ ୩ କେ.ଜି. କୁଣ୍ଡାର ମିଶ୍ରଣକୁ ପ୍ରତ୍ୟେକ ଦିନ ୨ ଥର ଦିଆଯାଏ । ଅବଶିଷ୍ଟ ୧୦ ଦିନରେ ୧୦ ଲକ୍ଷ ଜାଆଁଳ ପିଛା ୬ କେ.ଜି. ବାଦାମ ପିଡ଼ିଆ ଗୁଣ୍ଡ ଓ ୬ କେ.ଜି. କୁଣ୍ଡାର ମିଶ୍ରଣକୁ ପ୍ରତ୍ୟେକ ଦିନ ୨ ଥର ଦିଆଯାଏ ।

ଗୁଣ୍ଡ ଜାଆଁଳକୁ ୧୫ ଦିନ ପର୍ଯ୍ୟନ୍ତ ଲାଳନ ପାଳନ କଲେ ଧାନୁଆ ଜାଆଁଳ ଉତ୍ପନ୍ନ ହୋଇଥାଏ । ଧାନୁଆ ଜାଆଁଳକୁ ଅମଳ କରି ନେଇ ରିଅରିଙ୍ଗ ପୋଖରୀରେ ଛଡ଼ାଯାଏ ଓ ସେହି ନର୍ସରୀ ପୋଖରୀକୁ ପୁଣି ପ୍ରସ୍ତୁତ କରି ଗୁଣ୍ଡ ଜାଆଁଳ ଛାଡ଼ି ଧାନୁଆ ଜାଆଁଳ କରାଯାଏ ।

## (ଖ) ଅଭିପାଳନ ପୋଖରୀ ପରିଚାଳନା

ଅଭିପାଳନ ପୋଖରୀ ଗୁଡ଼ିକ ସାଧାରଣତଃ ନର୍ସରୀ ପୋଖରୀ ଠାରୁ ଅପେକ୍ଷାକୃତ ବଡ଼ ହୋଇଥାଏ । ନର୍ସରୀ ପୋଖରୀ ଭଳି ଅଭିପାଳନ ପୋଖରୀରୁ ମଧ୍ୟ ବିଭିନ୍ନ ପ୍ରକାରର ଅନାବଶ୍ୟକ ଦଳ, ଘାସ, ଲଟା, ଶିକାରୀ ମାଛ ଓ ଅଦରକାରୀ ମାଛ ସଫା କରିବାକୁ ପଡ଼ିଥାଏ ।


ଜାଆଁଳ ଛାଡ଼ିବାର ୩ ସପ୍ତାହ ପୂର୍ବରୁ ଏକର ପିଛା ୧୦୦ କେ.ଜି. ଚୂନ ପ୍ରୟୋଗ କରାଯାଏ । ସାଧାରଣତଃ ଏକ ଏକର ଅଭିପାଳନ ପୋଖରୀରେ ୩ ମାସ ପାଇଁ ନିମ୍ନଲିଖିତ ସାର ଓ ଖତ ଆବଶ୍ୟକ ହୋଇଥାଏ । ଯଥା -

| | | |
|---|---|---|
| ଜୈବିକ ସାର | କଞ୍ଚା ଗୋବର | ୧୦୦୦ କେ.ଜି. |
| ରାସାୟନିକ ସାର | ୟୁରିଆ | ୪୦ କେ.ଜି. |
| | ସିଙ୍ଗଲ ସୁପର ଫସ୍‌ଫେଟ୍ | ୪୦ କେ.ଜି. |

ଉପରୋକ୍ତ ପରିମାଣର ଏକ ଚତୁର୍ଥାଂଶ କଞ୍ଚା ଗୋବର ଖତକୁ ଜାଆଁଳ ଛାଡ଼ିବାର ୧୫ ଦିନ ପୂର୍ବରୁ ପ୍ରୟୋଗ କରାଯାଏ । ଅବଶିଷ୍ଟ ପରିମାଣର ଜୈବିକ ସାର ଓ ରାସାୟନିକ ସାରକୁ ୩ଟି କିସ୍ତିରେ ପ୍ରତ୍ୟେକ ମାସ ଅନ୍ତରରେ ପ୍ରୟୋଗ କରାଯାଏ । ସାର ପ୍ରୟୋଗ ଫଳରେ ପ୍ରାକୃତିକ ଖାଦ୍ୟ ପ୍ଲାଙ୍କଟନ୍ ପ୍ରସ୍ତୁତ ହୋଇଥାଏ ଏବଂ ମାଛ ଜାଆଁଳ ଆବଶ୍ୟକୀୟ ପରିମାଣର ଖାଦ୍ୟ ଖାଇ ବଢ଼ିପାରନ୍ତି ।

ଏକ ଏକର ଅଭିପାଳନ ପୋଖରୀରେ ୮୦,୦୦୦ ରୁ ୧,୨୦,୦୦୦ ସଂଖ୍ୟକ ବିଭିନ୍ନ ପ୍ରକାରର କାର୍ପ ଜାତୀୟ ଧାନୁଆ ଜାଆଁଳ ଛଡ଼ାଯାଏ । ଧାନୁଆ ଜାଆଁଳ ଛାଡ଼ିବାର

ଗୋଟିଏ ଦିନ ପରେ ସାର ଓ ଖତ ପ୍ରୟୋଗ କରିପାରିବେ ।



ଜାଆଁଳ ଛାଡ଼ିବା ପରେ ପ୍ରତି ଏକ ମାସ ଅନ୍ତରରେ ପୋଖରୀର ମାଟି ଓ ପାଣିର ଅବସ୍ଥାକୁ ଦେଖି ଉପରୋକ୍ତ ପରିମାଣର ସାର ପ୍ରତ୍ୟେକ ମାସ ଅନ୍ତରରେ ପ୍ରୟୋଗ କରାଯାଏ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଦିନ ବାଦାମ ପିଡ଼ିଆ ଗୁଣ୍ଡ ଓ ସରୁ କୁଣ୍ଡାକୁ ୧:୧ ଅନୁପାତରେ ପୋଖରୀରେ ଥିବା ସମୁଦାୟ ମାଛର ମୋଟ ଓଜନର ଶତକଡ଼ା ୫ ଭାଗକୁ ୨ ଥରରେ ଦିଆଯାଏ ।

ଉପରୋକ୍ତ ପ୍ରଣାଳୀରେ ଧାନୁଆ ଜାଆଁଳକୁ ୩ ମାସ ଲାଳନ ପାଳନ କଲେ ପ୍ରାୟ ୭୦-୯୦ ଶତକଡ଼ା ଆଙ୍ଗୁଳି ଆକାରର ଜାଆଁଳ ଉତ୍ପାଦନ ହୁଏ ।

## ଜାଆଁଳ ଚାଷର ଆୟବ୍ୟୟର ସମୀକ୍ଷା (ଏକର ପିଛା)

### ଚାଷ ବାବଦରେ ଖର୍ଚ୍ଚ :

| | | |
|---|---|---|
| ହଳ କରିବା, ପାଣି ପୁରାଇବା | = | ଟ. ୩୦୦୦.୦୦ |
| ଗୁଣ୍ଡ ଜାଆଁଳ (୪୦ ଲକ୍ଷ) | = | ଟ. ୨୦୦୦୦.୦୦ |
| ଚୂନ, ଖତସାର | = | ଟ. ୩୦୦୦.୦୦ |
| ବାଦାମ ପିଡ଼ିଆ | = | ଟ. ୯୦୦୦.୦୦ |
| ଧାନ ଗୁଣ୍ଡ, ପଲିସ୍ କୁଣ୍ଡା | = | ଟ. ୨୦୦୦.୦୦ |
| ପ୍ୟାକିଂ ଗ୍ୟାସ୍, ପ୍ଲାଷ୍ଟିକ୍ ବ୍ୟାଗ୍ | = | ଟ. ୮୦୦୦.୦୦ |
| ହାପା, ଜାଲ | = | ଟ. ୬୦୦୦.୦୦ |
| ଲିଜ୍, ମଜୁରୀ ଓ ଅନ୍ୟାନ୍ୟ | = | ଟ. ୪୦୦୦.୦୦ |
| ମୋଟ | = | ଟ. ୫୫୦୦୦.୦୦ |

ଆଦାୟ : ୧୨ ଲକ୍ଷ ଜାଆଁଳ (ପ୍ୟାକିଂ ସହ) = ଟ. ୧,୨୦,୦୦୦
(୧ ଲକ୍ଷ ଜାଆଁଳ ପ୍ରତି ଟ୧୦,୦୦୦/- ଦରରେ)

ନିଟ୍ ଲାଭ = ୧,୨୦,୦୦୦ - ଟ. ୫୫,୦୦୦ = ଟ. ୬୫,୦୦୦ (କେବଳ ୩-୪ ମାସ ଭିତରେ)

# ମିଶ୍ରିତ ମାଛ ଚାଷ



ମିଶ୍ରିତ ମାଛ ଚାଷ ପାଇଁ ଗୋଟିଏ ପୋଖରୀର ଆୟତନ ସର୍ବନିମ୍ନ ଅଧା ଏକର ଏବଂ ସର୍ବାଧିକ ୫ଏକର ପର୍ଯ୍ୟନ୍ତ ହେବା ଉଚିତ୍ । ପୋଖରୀରେ ପାଣିର ଗଭୀରତା ବର୍ଷସାରା ୫ ଫୁଟ ରହିବା ଆବଶ୍ୟକ କାରଣ ମିଶ୍ରିତ ମାଛ ଚାଷ ପାଇଁ ପାଣିର ତିନି ସ୍ତରରେ ରହୁଥିବା ମାଛ ଯଥା= ଉପରସ୍ତର ପାଇଁ ଭାକୁର ଓ ସିଲ୍‌ଭର କାର୍ପ, ମଝିସ୍ତର ପାଇଁ ରୋହୀ ଓ ତଳସ୍ତର ପାଇଁ ମିରିକାଳୀ ଓ ବିଲାତିରୋହୀ ବ୍ୟବହାର କରାଯାଇଥାଏ । ଯଦି ଜଳର ଗଭୀରତା ୫ଫୁଟ୍‌ରୁ କମ୍ ହୁଏ ତାହେଲେ ମଝି ସ୍ତରରେ ରହି ଖାଦ୍ୟ ସଂଗ୍ରହ କରି ବଢୁଥିବା ମାଛ ରୋହୀ ପାଇଁ ସ୍ଥାନ କମିଯାଏ । ତାଛଡ଼ା ପୋଖରୀଟି ଯଦି ଅଗଭୀର ହୁଏ ତାହେଲେ ଖରାଦିନେ ପାଣି ଶୀଘ୍ର ତାତିଯାଏ । ଫଳରେ ମାଛମାନେ ମୃତ୍ୟୁମୁଖରେ ପଡ଼ନ୍ତି । ପାଣିରେ ଅଦରକାରୀ ଦଳଗୁଡ଼ିକ ମଧ୍ୟ ଏହାଦ୍ୱାରା ଦ୍ରୁତ ଗତିରେ ବୃଦ୍ଧି ପାଇଥାନ୍ତି ।

ପୋଖରୀ ହୁଡ଼ାର ଉଚ୍ଚତା ଅତି କମ୍‌ରେ ୩ ମିଟର୍ ହେବା ଦରକାର । ହୁଡ଼ା ଉପର ପାଖରେ ଚଉଡ଼ା ଦେଢ଼ ମିଟର ବା ତଦୁର୍ଦ୍ଧ ରହିଲେ ଦରକାର ସମୟରେ ଏହା ଉପର ଦେଇ ଖତସାର ବୋଝେଇ ଟ୍ରକ୍, ଟ୍ରଲି କିମ୍ବା ଶଗଡ଼ଟିଏ ଯିବାଆସିବା ପାଇଁ ସୁବିଧା ହୁଏ । ଜାଲ ଟାଣିବା ପାଇଁ ଜାଗା ମିଳେ ଏବଂ ପାଣିର ସୁବିଧାଥିବା ଯୋଗୁଁ ଜଳସେଚନ ଦ୍ୱାରା ଏହା ଉପରେ ପନିପରିବା ଯଥା= କଦଳୀ, ନଡ଼ିଆ, ଅମୃତଭଣ୍ଡା ପ୍ରଭୃତି ମଧ୍ୟ ଚାଷ କରିପାରିବା । କିନ୍ତୁ ମନେ ରଖିବାକୁ ହେବ ଯେ= ହୁଡ଼ା ଉପରେ କୌଣସି ବଡ଼ ବଡ଼ ଗଛ ଆଦୌ ରହିବା କଥା ନୁହେଁ । ଏହି ଗଛ ଗୁଡ଼ିକ ରହିଲେ ପୋଖରୀରେ ସୂର୍ଯ୍ୟାଲୋକ ଭଲ ଭାବେ ପଡ଼େ ନାହିଁ । ଏହାଛଡ଼ା ଏଥିରେ ବଗ, ପାଣିକୁଆ ଆଦି ବସା ବାନ୍ଧି ରୁହନ୍ତି ଓ ମାଛଙ୍କୁ ଖାଇଯାଆନ୍ତି । ତାଛଡ଼ା ଏମାନଙ୍କ ଦ୍ୱାରା ମାଛରେ କୃମି ରୋଗ ଦେଖାଯାଇଥାଏ ।

ପୋଖରୀର ନିମ୍ନଭାଗ ଯଦି ଗୋଟିଏ ଆଡ଼କୁ ଗଡ଼ାଣିଆ ହୋଇଥାଏ, ତା'ହେଲେ ମେ ମାସ ସୁଦ୍ଧା ପୋଖରୀରୁ ସବୁ ପୁରୁଣା ମାଛ ମାରି ଜଳ ନିଷ୍କାସନ କରିବା ପାଇଁ ସୁବିଧା ହୋଇଥାଏ । ଏହିଭଳି ଖରାଦିନେ ଶୁଖି ଯାଉଥିବା ପୋଖରୀ ବା ନୂଆକରି ଖୋଳାଯାଇଥିବା ପୋଖରୀର ମାଟିକୁ ଜୁନ୍ ମାସ ପ୍ରଥମ ସପ୍ତାହ ସୁଦ୍ଧା ଭଲଭାବେ ହଳକରି ଟାଣ ଖରାରେ ଶୁଖିବା ପାଇଁ ଛାଡ଼ି ଦେବା ଉଚିତ୍ । କିନ୍ତୁ ଯେଉଁ ପୋଖରୀରୁ ପାଣି ନିଷ୍କାସିତ ହୋଇ ପାରେ

ନାହିଁ ସେହି ପୋଖରୀରୁ ଅନାବନା ପାଣି ଘାସ ବା ଦଳକୁ ପରିଷ୍କାର କରିବାକୁ ପଡ଼ିଥାଏ । ଏହାସହିତ ପାଣିରେ ରହିଯାଇଥିବା ଶିକାରୀ ଏବଂ ଅନ୍ୟାନ୍ୟ ଅଦରକାରୀ ମାଛ ଗୁଡ଼ିକୁ ମଧ୍ୟ ବାହାର କରିବା ଜରୁରୀ ଅଟେ ।

## ପୋଖରୀରେ ମୂଳ ସାର ପ୍ରୟୋଗ

ପୁରା ଶୁଖି ଯାଇଥିବା ପୋଖରୀରେ ପ୍ରଥମ ବର୍ଷା ହୋଇ ଏକଫୁଟ୍ ପାଣି ଜମିଗଲା ପରେ କିମ୍ବା ପାଣିଥିବା ପୋଖରୀରେ ଏକର ପିଛା ୧୦୦କେଜି ଚୂନ ପ୍ରୟୋଗ କରିବାକୁ ପଡ଼ିଥାଏ । ଚୂନ ପ୍ରୟୋଗ କରିବାର ଏକ ସପ୍ତାହରୁ ଦୁଇ ସପ୍ତାହ ପରେ ପୁରୁଣା ବା ପଙ୍କଯୁକ୍ତ ପୋଖରୀରେ ଏକର ପିଛା ୨୦୦୦କେଜି କଞ୍ଚା ଗୋବର ବା ନୂଆକରି ଖୋଳାଯାଇଥିବା ବା ସ୍ୱଳ୍ପ ପଙ୍କଯୁକ୍ତ ପୋଖରୀରେ ଏକର ପିଛା ୩୦୦୦କେଜି କଞ୍ଚା ଗୋବର ପ୍ରୟୋଗ କରିବାକୁ ପଡ଼ିଥାଏ । ପୋଖରୀରେ ପୂର୍ବରୁ ମହୁଲ ପିଡ଼ିଆ ପଡ଼ିଥିଲେ ଏହି ଜୈବିକ ସାର ପ୍ରୟୋଗ ପରିମାଣକୁ ଅଧାକମ୍ କରିଦିଆଯାଏ । ଏହି କଞ୍ଚା ଗୋବରକୁ ସବୁ ବେଳେ ପୋଖରୀର ଚାରିକୋଣରେ ପାଣି ମଧ୍ୟରେ ଜମା କରି ରଖିଦିଆଯାଏ, ଯାହାକି କାଳକ୍ରମେ ପାଣିରେ ମିଶିଥାଏ । ଗୋବର ପଡ଼ିବାର ଦୁଇ ସପ୍ତାହ ପରେ ପୁରୁଣା ପୋଖରୀରେ ରାସାୟନିକ ସାର ଭାବେ ଏମୋନିୟମ୍ ସଲ୍‌ଫେଟ୍ ବା କ୍ୟାଲ୍‌ସିୟମ୍ ଏମୋନିୟମ୍ ନାଇଟ୍ରେଟ୍ ସାର ୫ କେଜି ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ସାର ୫କେଜି ବା ନୂଆ କରି ଖୋଳାଯାଇଥିବା ପୋଖରୀରେ ୟୁରିଆ ୮କେଜି ଓ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ୧୬କେଜି ପ୍ରୟୋଗ କରାଯିବା ଆବଶ୍ୟକ । କଞ୍ଚା ଗୋବର ପକାଯିବା ଓ ରାସାୟନିକ ସାର ପ୍ରୟୋଗ କରାଯିବା ମଧ୍ୟରେ ବ୍ୟବଧାନ ସବୁବେଳେ ୧୫ଦିନ ରହିବା ଆବଶ୍ୟକ । ଏହାଦ୍ୱାରା ପାଣିରେ ମାଛର ପ୍ରାକୃତିକ ଖାଦ୍ୟ ଯଥା- ପ୍ଲାଙ୍କଟନ୍ ଏବଂ ପଙ୍କ ସ୍ତରରେ ଅନେକ କ୍ଷୁଦ୍ର ଜୀବ (Benthos) ଅନବରତ ସୃଷ୍ଟି ହୋଇ ଚାଲିଥାନ୍ତି, ଯାହାକୁ ମାଛ ଖାଇ ବଢ଼ିଥାଏ ।

## ଜାଆଁଳ ଛାଡ଼ିବା ସଂଖ୍ୟା

ରାସାୟନିକ ସାର ପ୍ରୟୋଗର ଠିକ୍ ପରଦିନ ଠାରୁ ସପ୍ତାହକ ମଧ୍ୟରେ ଏକର ପିଛା ୩୦୦୦ ସଂଖ୍ୟାରେ ଆଙ୍ଗୁଳି ଆକାରର ଜାଆଁଳ ବା ୮ସେମି ଉର୍ଦ୍ଧ୍ୱ ଜାତିଆ, ନିରୋଗ, ମିଶ୍ରିତ ମାଛ ଜାଆଁଳ ନିର୍ଦ୍ଦିଷ୍ଟ ଅନୁପାତରେ ପୋଖରୀରେ ଛାଡ଼ିବା ଉଚିତ୍ । ଯଥା-

| | |
|---|---|
| ଭାକୁର | ୮୦୦ |
| ରୋହୀ | ୧୦୦୦ |
| ମିରିକାଳୀ | ୭୦୦ |
| ସିଲ୍‌ଭର୍ କାର୍ପ (ରୂପାପେଟି) | ୧୦୦ |
| ଗ୍ରାସ୍ କାର୍ପ (ଦଳଖାଇ) | ୧୦୦ |
| ବିଲାତି ରୋହୀ | ୩୦୦ |

## ଜାଆଁଳ ଛାଡ଼ିବା ପରବର୍ତ୍ତୀ ସମୟରେ ପୋଖରୀର ଯତ୍ନ

ଜାଆଁଳ ଛାଡ଼ିବାର ମାସେ ପରେ ପ୍ରତ୍ୟେକ ମାସ ପୋଖରୀରେ ଖତ ସାର ପକାଯିବା ଉଚିତ୍ । ପ୍ରତ୍ୟେକ ମାସ ଦ୍ୱିତୀୟ ସପ୍ତାହ ମଧ୍ୟରେ ପୁରୁଣା ପୋଖରୀରେ ୩୦୦କେଜି ଓ ନୂଆ ପୋଖରୀରେ ୫୦୦କେଜି କଞ୍ଚା ଗୋବର ପକାଇବାକୁ ପଡ଼ିଥାଏ । ଏହାର ଠିକ୍ ଦୁଇ ସପ୍ତାହ ପରେ ପ୍ରତ୍ୟେକ ମାସ ପୁରୁଣା ପୋଖରୀରେ ଏମୋନିୟମ୍ ସଲ୍‌ଫେଟ୍ ବା କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ ସାର ୫କେଜି ଓ ସୁପର ସାର ୫କେଜି ଏବଂ ନୂଆ ପୋଖରୀରେ ୟୁରିଆ ୪କେଜି ଓ ସୁପର ୮କେଜି ପ୍ରୟୋଗ କରିବାକୁ ହୋଇଥାଏ । ଯଦି କୌଣସି କାରଣରୁ ପୋଖରୀ ଜଳ ଅତ୍ୟଧିକ ବହଳିଆ ହୋଇ ନେଳି ବା ଶୈବାଳ ସୃଷ୍ଟି ହୁଏ ବା ଉପରେ ସ୍ତରରେ ସବୁଜ ବା ଇଟା ରଙ୍ଗର ସ୍ତର ସୃଷ୍ଟି ହୁଏ, ତାହେଲେ ଖତସାର ପ୍ରୟୋଗକୁ ସେହି ମାସ ପାଇଁ ବନ୍ଦ କରିଦେଇ ଏକର ପିଛା ୫୦ରୁ ୮୦କେଜି ପର୍ଯ୍ୟନ୍ତ ଚୂନ ପ୍ରୟୋଗ କରିବାକୁ ପଡ଼ିଥାଏ ।

ଶୀତ ଦିନେ ଥଣ୍ଡା ପଡ଼ିବା ସମୟରେ ମାଛ ସାଧାରଣତଃ ରୋଗାକ୍ରାନ୍ତ ହୋଇଥାନ୍ତି । ତେଣୁ ଶୀତ ପଡ଼ିବା ପୂର୍ବରୁ ଯଥା- ଅକ୍ଟୋବର ପ୍ରଥମ ସପ୍ତାହରେ ଥରେ ଓ ଜାନୁୟାରୀ ପ୍ରଥମ ସପ୍ତାହରେ ଆଉଥରେ ରୋଗ ପ୍ରତିଷେଧକ ହିସାବରେ ପୋଖରୀରେ ଏକର ପିଛା ୫୦କେଜି ହିସାବରେ ଚୂନ ପ୍ରୟୋଗ କରାଯିବା ଉଚିତ୍ । ଏହାଛଡ଼ା ମାଛ ଚାଷର ଶେଷ ପର୍ଯ୍ୟାୟ ବା ମାର୍ଚ୍ଚ ମାସ ଆଡ଼କୁ ଯଦି ପୋଖରୀ ଜଳ ଅତ୍ୟଧିକ ବହଳିଆ ହୋଇ ଦୁର୍ଗନ୍ଧ ହୁଏ ତାହେଲେ ଏକର ପିଛା ୫୦ କେଜି ଚୂନ ପ୍ରୟୋଗ କରାଯାଇଥାଏ । ମାଛ ପିଛା ୨୪୦ କେଜି ଚୂନକୁ ୩ଟି ସମାନ କିସ୍ତିରେ ଏକ ସପ୍ତାହ ଅନ୍ତରରେ ପୋଖରୀରେ ପ୍ରୟୋଗ କରାଯିବା ଆବଶ୍ୟକ ।


## ମାଛ ଚାଷରେ ଖାଦ୍ୟର ପ୍ରୟୋଗ

ଖତସାର ପଡ଼ିବା ଦ୍ୱାରା ପାଣିରେ ଅନେକ ଗୁଡ଼ିଏ ପ୍ଲାଙ୍କଟନ୍ ସୃଷ୍ଟି ହୋଇଥାଏ । ଏହା ସତ୍ତ୍ୱେ ଜାଆଁଳ ଛାଡ଼ିବା ପରଦିନ ଠାରୁ ମାଛ ମାରିବା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଦୁଇଓଳି କିଛି କିଛି କୃତ୍ରିମ ଖାଦ୍ୟ ବା ପୂରକ ଆହାର ମାଛକୁ ଖାଇବାକୁ ଦେବାକୁ ପଡ଼ିଥାଏ । ଯଥା-

ପ୍ରଥମ ଓ ଦ୍ୱିତୀୟ ମାସ = ଦୈନିକ ୧ କେଜି ବାଦାମ ପିଡ଼ିଆ + ୧ କେଜି କାଣ୍ଡିଆକୁଣ୍ଡା
ତୃତୀୟ ମାସ ଓ ଚତୁର୍ଥ ମାସ = ଦୈନିକ ୨ କେଜି ବାଦାମ ପିଡ଼ିଆ + ୨ କେଜି କାଣ୍ଡିଆକୁଣ୍ଡା
ପଞ୍ଚମ ମାସ ଓ ଷଷ୍ଠ ମାସ = ଦୈନିକ ୩ କେଜି ବାଦାମ ପିଡ଼ିଆ + ୩ କେଜି କାଣ୍ଡିଆକୁଣ୍ଡା
ସପ୍ତମ ମାସ ଓ ଅଷ୍ଟମ ମାସ = ଦୈନିକ ୪ କେଜି ବାଦାମ ପିଡ଼ିଆ + ୪ କେଜି କାଣ୍ଡିଆକୁଣ୍ଡା
ନବମ ମାସ ଓ ଦଶମ ମାସ = ଦୈନିକ ୫ କେଜି ବାଦାମ ପିଡ଼ିଆ + ୫ କେଜି କାଣ୍ଡିଆକୁଣ୍ଡା

ପ୍ରଥମ ଦୁଇମାସ ଉପର ଲିଖିତ ଖାଦ୍ୟ ଉପାଦାନକୁ ଭଲଭାବେ ମିଶାଇ ଭିଜାଇ ସମଭାଗ କରି ସକାଳେ ଓ ଉପରବେଳା ବାଉଁଶ ପଲା ବା ଟ୍ରେ ସାହାଯ୍ୟରେ ମାଛଙ୍କୁ ଖାଇବାକୁ

ଦିଆଯାଏ । ଏହାର ପରବର୍ତ୍ତୀ ସମୟରେ ମାଛର ବୃଦ୍ଧି ସହ ଖାଦ୍ୟ ପରିମାଣ ବୃଦ୍ଧି ହେଉଥିବାରୁ ଖାଦ୍ୟକୁ ନିମ୍ନପାର୍ଶ୍ୱ ଛିଦ୍ରଯୁକ୍ତ ସାର ଜରିବସ୍ତା ସାହାଯ୍ୟରେ ମାଛଙ୍କୁ ଖାଇବାକୁ ଦିଆଯାଇଥାଏ । ଏହି ଖାଦ୍ୟ ବସ୍ତା ଗୁଡ଼ିକୁ ସାଧାରଣତଃ ବାଉଁଶ ଖୁଣ୍ଟିରେ ଝୁଲାଇ ପାଣିରେ ରଖାଯାଇଥାଏ । ଉପରୋକ୍ତ ଖାଦ୍ୟ ମିଶ୍ରଣରେ କେଜି ପିଛା ୩ ମିଲି କଡ୍ ମାଛର ତେଲ ବା (Vitapet) ଓ ୨ ଗ୍ରାମ୍ ଖଣିଜସାର (Mineral Forte/Agrimin Forte) ଗୋଳାଇ ଦେବା ବିଧେୟ । ପୋଖରୀ ଯଦି ସମ୍ପୂର୍ଣ୍ଣ ଦଳମୁକ୍ତ ଥାଏ, ତାହେଲେ ଗ୍ରାସକାର୍ପ ପାଇଁ ଚିଙ୍ଗୁଡ଼ିଆଦଳ ଭେଳାରେ ଭସାଇ ମାଛ ଚାଷ ଶେଷ ପର୍ଯ୍ୟନ୍ତ ଖାଇବାକୁ ଦିଆଯିବା ଉଚିତ୍ ।



## ମାଛ ଉତ୍ପାଦନ

ଉପରୋକ୍ତ ପ୍ରଣାଳୀରେ ମାଛ ଚାଷ କଲେ ଏକର ପିଛା ବାର୍ଷିକ ମାଛ ଉତ୍ପାଦନ ୧୫୦୦ କେଜିରୁ ଅଧିକ ମିଳିପାରିବ ।

## ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀରେ ମାଛ ଚାଷର ଆୟବ୍ୟୟର ବିବରଣୀ

| | | | |
|---|---|---|---|
| (କ) | ପୋଖରୀର ଲିଜ୍ ମୂଲ୍ୟ | = | ଟ. ୧୦,୦୦୦.୦୦ |
| (ଖ) | ଜାଆଁଳ | = | ଟ. ୫,୦୦୦.୦୦ |
| (ଗ) | ଖତ ଓ ସାର | = | ଟ. ୧୫,୦୦୦.୦୦ |
| (ଘ) | ଖାଦ୍ୟ | = | ଟ. ୨୫,୦୦୦.୦୦ |
| (ଙ) | ମଜୁରୀ ବାବଦରେ | = | ଟ. ୧୦,୦୦୦.୦୦ |
| (ଚ) | ଅନ୍ୟାନ୍ୟ | = | ଟ. ୫,୦୦୦.୦୦ |
| ମୋଟ | | = | ଟ. ୭୦,୦୦୦.୦୦ |

**ଆୟ**

୨୦୦୦ କେ.ଜି. ମାଛ (୧ କେ.ଜି. ପ୍ରତି ୧୦୦.୦୦) ଟ. ୨,୦୦,୦୦୦.୦୦

ନିଟ୍ ଲାଭ = ଟ. ୨,୦୦,୦୦୦.୦୦-୭୦,୦୦୦.୦୦=ଟ. ୧,୩୦,୦୦୦.୦୦

# ସଘନ ମାଛ ଚାଷ

ସଘନ ପ୍ରଣାଳୀରେ ମାଛ ଚାଷରୁ ମିଳୁଥିବା ଆର୍ଥିକ ଲାଭ ଯେ କୌଣସି ଉନ୍ନତ କୃଷି ଠାରୁ ଯଥେଷ୍ଟ ବେଶୀ । ସାଧାରଣତଃ ଯେଉଁ ପୋଖରୀ ଗୁଡ଼ିକରେ ଖରାଦିନରେ ଏକ ମିଟରରୁ ଅଧିକ ପାଣି ରହିପାରେ ସେଗୁଡ଼ିକ ସଘନ ମାଛ ଚାଷ ପାଇଁ ଉପଯୁକ୍ତ । ବର୍ଷସାରା ପାଣି ନରହି ଜାନୁୟାରୀ, ଫେବୃୟାରୀ କିମ୍ବା ମାର୍ଚ୍ଚ ବେଳକୁ ଜଳପତନ ୧ ମିଟରରୁ ତଳକୁ ଖସିଗଲେ ଚାଷୀ ମାଛ ଧରିବା ପାଇଁ ବାଧ୍ୟ ହୋଇଥାଏ । ମାତ୍ର ଏହି ସମୟ ମଧ୍ୟରେ ମାଛ ବଢ଼ିବାକୁ ଯଥେଷ୍ଟ ସମୟ ପାଏ ନାହିଁ, ତେଣୁ ଅମଳ କମିଯାଏ ।

## ସଘନ ମାଛ ଚାଷ ପାଇଁ ବ୍ୟବହୃତ ଜାଆଁଳ କିସମ ଓ ମିଳିବା ସମୟ

ଉନ୍ନତ ମାଛ ଚାଷରେ ତିନିଗୋଟି ଦେଶୀ ଓ ତିନିଗୋଟି ବିଦେଶୀ ଜାତିଆ ମାଛର ଜାଆଁଳ ବ୍ୟବହାର ହୋଇଥାଏ । ତିନୋଟି ଦେଶୀ ଜାତିଆ ମାଛ ହେଉଛନ୍ତି ଭାକୁର, ରୋହି ଓ ମିରିକାଳି । ସେହିପରି ତିନୋଟି ବିଦେଶୀ ମାଛ ହେଉଛନ୍ତି ବିଲାତି ରୋହୀ, ରୂପାପେଟି ଓ ଦଳଖାଇ । ତେଣୁ ପ୍ରତ୍ୟେକ ମାଛ ଚାଷୀ ତାର ପୋଖରୀ ପାଇଁ କାର୍ପ ଜାଆଁଳ ବାଛିବା ସମୟରେ ସାବଧାନତା ଅବଲମ୍ବନ କରିବା ଦରକାର ।

ଏ ସବୁ ମାଛର ଜାଆଁଳ ବର୍ଷାଦିନେ ମୌସୁମୀ ବର୍ଷାର ଆରମ୍ଭ ହେବା ପରେ ଅର୍ଥାତ୍ ଜୁଲାଇ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ମିଳିଥାଏ । ଏହି ସମୟରେ ନଦୀରୁ ବଢ଼ି ପାଣି ଆସିବା ସମୟରେ ସ୍ପନ୍ ବା ଅଣ୍ଡା ଧରାଯାଏ ଓ ଉନ୍ନତ ପ୍ରଭାବିତ ପ୍ରଜନନ ପ୍ରଣାଳୀ ମାଧ୍ୟମରେ ଜାତିଆ ମାଛ ମାନଙ୍କ ଗୁଣ୍ଡ ଜାଆଁଳ (Fry) ଉତ୍ପାଦନ କରାଯାଏ । ଏହି ଗୁଣ୍ଡ ଜାଆଁଳ ଗୁଡ଼ିକୁ ନର୍ସରୀ ପୋଖରୀରେ ୧୦ ରୁ ୧୫ ଦିନ ପାଳନ କଲାପରେ ସେମାନେ ଜାଆଁଳ ଅବସ୍ଥାକୁ ଆସିଥାନ୍ତି । ଆଉ ଅଧିକ ସମୟ ଅର୍ଥାତ୍ ୧ ମାସ ପର୍ଯ୍ୟନ୍ତ ପାଳନ କଲେ ସେଗୁଡ଼ିକ ବଡ଼ ଜାଆଁଳ (Fingerling) ହୋଇଯାଆନ୍ତି । କୃତ୍ରିମ ପ୍ରଣାଳୀରେ ଜାତିଆ ମାଛର ଜାଆଁଳ ମୁଖ୍ୟତଃ ମତ୍ସ୍ୟ ବିଭାଗ ତଥା ମତ୍ସ୍ୟ ଚାଷ ଉନ୍ନୟନ ନିଗମର କେନ୍ଦ୍ରମାନଙ୍କରେ ମିଳେ । ଏଗୁଡ଼ିକ ବିଶୁଦ୍ଧ ଜାଆଁଳ ଓ ଏଥିରେ କୌଣସି ଅଜାତିଆ ଜାଆଁଳ ମିଶି ନଥାନ୍ତି । କେବଳ ବିଲାତି ରୋହୀ ଜାଆଁଳ ବର୍ଷ ମଧ୍ୟରେ ଦୁଇଥର ମିଳିଥାଏ । ଥରେ ବର୍ଷା ଦିନେ ଓ ପୁଣି ବସନ୍ତ ଋତୁ (ଫେବୃୟାରୀ, ମାର୍ଚ୍ଚ)ରେ ମିଳିଥାଏ ।

## ମାଛ ଚାଷ ପୋଖରୀର ପ୍ରସ୍ତୁତି

ପୋଖରୀ ଚାରି ପାଖରେ ଉଚ୍ଚା ହୁଡ଼ା ବା ବନ୍ଧ ଥିବା ଆବଶ୍ୟକ । ବାହାରର ପାଣି ସିଧାସଳଖ ପୋଖରୀ ମଧ୍ୟକୁ ଆସିବା ଉଚିତ୍ ନୁହେଁ । ଆବଶ୍ୟକ ସ୍ଥଳେ ହ୍ୟୁମ୍ ପାଇପ୍ ଦେଇ ପାଇପ୍ ମୁହଁରେ ଜାଲ ଦେଇ ପାଣିକୁ ଛାଣି ପୁରାଯାଏ । ନିକଟରେ ଜଳ ଉତ୍ସ କେନାଲ୍

ନଦୀ ଇତ୍ୟାଦି ଥିଲେ ଭଲ । ଯେଉଁଠାରେ ଖରାଦିନେ ଦେଢ଼ ଫୁଟ୍ ପାଣି ରହୁଛି ସେଭଳି ଜାଗାରେ ୪ ଫୁଟ୍ ଖୋଳିଲେ ଖରାଦିନେ ଆବଶ୍ୟକ ଥିବା ୫ଫୁଟ୍‌ରୁ ଅଧିକ ପାଣି ରହିପାରିବ । ଉଚ୍ଚ ସ୍ଥାନରେ ପୋଖରୀ ଖୋଳିବା ଅଧିକ ବ୍ୟୟବହୁଳ ଓ ଆବଶ୍ୟକ ପରିମାଣ ଜଳ ରହିପାରିବ ନାହିଁ । ତେଣୁ ଖାଲୁଆ ଜାଗା ଦେଖି ସ୍ଥାନ ନିରୁପଣ କରିବା ଆବଶ୍ୟକ । ମଟାଳ ଓ ଚିକିଟା ମାଟି ମାଛ ଚାଷ ପାଇଁ ଉପଯୁକ୍ତ । ବାଲିଆ ମାଟି ପାଣିକୁ ଧରି ରଖିପାରେ ନାହିଁ । ତେଣୁ ବାଲିଆ ମାଟିରେ ମାଛ ଚାଷ ଲାଭଜନକ ହୁଏନାହିଁ । ସେହିପରି ଗୋଳିଆ ମାଟି, ପଥୁରିଆ ମାଟି ଆଦି ଅଧିକ ଉତ୍ପାଦନ କ୍ଷମ ହୁଏନାହିଁ। ପୋଖରୀ ସାଧାରଣତଃ ଆୟତାକାର ହେବା ଦରକାର ।୮୦ମିଟର୍ ଲମ୍ବ ଓ ୫୦ ମିଟର୍ ଓସାରର ପୋଖରୀକୁ ଆଦର୍ଶ ମାଛ ଚାଷ ପୋଖରୀ ବୋଲି କୁହାଯାଏ । ଏପ୍ରକାର ପୋଖରୀକୁ ମାଛ ଚାଷ କରିବା ଓ ଧରିବା ସୁବିଧାଜନକ । ପୋଖରୀ ମଝିରେ ଦିପଦାଣ୍ଡି ନଥିବା ଭଲ । ପୋଖରୀ ହୁଡ଼ା ଦୃଢ଼ ଭାବରେ ଗଡିକ୍ରମ ଗଡ଼ାଣିଆ କରିବେ । ଏହାର ଅନୁପାତ ୧:୨ ହେବା ଆବଶ୍ୟକ । ହୁଡ଼ା ଠିକ୍ ଗଡ଼ାଣିଆ ନହେଲେ ମାଟି ଧୋଇ ହୋଇ ପୋଖରୀ ପୋତି ହୋଇ ନଷ୍ଟ ହୁଏ । ହୁଡ଼ାରେ ମାଟି ପକାଇବା ପରେ ଭଲ ଭାବରେ ଗୁଣ୍ଡ କରି ଚାରିକଡ଼ ଘାସ ଚେକା ଛପର କରିଦେବା ଉଚିତ୍ ।

## ନର୍ସରୀ ପୋଖରୀର ପ୍ରସ୍ତୁତି

ଅଣ୍ଡା ଫୁଟିବା ପରେ ଗୁଣ୍ଡ ଜାଆଁଳ ବା ସ୍ପନ୍‌କୁ ଯେଉଁ ଛୋଟ ପୋଖରୀରେ ବଢ଼ାଇ ୧ ଇଞ୍ଚରୁ ୧.୫ ଇଞ୍ଚ ବିଶିଷ୍ଟ ଜାଆଁଳ ତିଆରି କରାଯାଏ, ତାହାକୁ ନର୍ସରୀ ପୋଖରୀ ବୋଲି କୁହାଯାଏ । ନର୍ସରୀ ସାଧାରଣତଃ ଛୋଟ ହେବା ଆବଶ୍ୟକ । ଏହାର ଲମ୍ବ ୨୫-୩୦ ମିଟର, ପ୍ରସ୍ଥ ୧୫-୨୦ ମିଟର, ଗଭୀରତା ୧ ମିଟର୍ ହେବା ଉଚିତ୍ । ମାଛ ଚାଷ ପୋଖରୀ ପାଖରେ ଗୋଟିଏ ଦୁଇଟି ନର୍ସରୀ ପୋଖରୀ ରଖିବା ନିତ୍ୟାନ୍ତ ଆବଶ୍ୟକ । ନର୍ସରୀ ଗୁଡ଼ିକ ଖରାଦିନେ ଶୁଖି ଯାଉଥିଲେ ଭଲ । ନର୍ସରୀ ପୋଖରୀର ମାଟିର ଉର୍ବରତା ଯଥେଷ୍ଟ ଆବଶ୍ୟକ । ନର୍ସରୀ ମାଛ ଚାଷ ପୋଖରୀ ନିକଟରେ ଓ ଉପରେ ଥିଲେ ଉପକାର ମିଳିଥାଏ । ନିକଟରେ ଥିଲେ ଜରୁରୀ ସମୟରେ ବା ଆବଶ୍ୟକତା ଅନୁସାରେ ପାଣି ଭର୍ତ୍ତି କରାଯାଇପାରେ ଓ ଉଚ୍ଚରେ ଥିଲେ ନର୍ସରୀକୁ ଶୁଖାଇବା ସୁବିଧା ହୋଇପାରିଥାଏ ।

## ଚୂନର ପ୍ରୟୋଗ

ଏକର ପିଛା ୧୦୦କେଜି ସିପ୍ ଚୁନ ବା ୨୦୦କେଜି ପଥର ଚୁନ ପୋଖରୀ ପାଣିରେ ଗୋଳି ପ୍ରୟୋଗ କରିବା ଉଚିତ୍ । ଚୂନ ପ୍ରୟୋଗ ଦ୍ୱାରା ପୋଖରୀରେ ମାଟି ଓ ପାଣିର ଅମ୍ଳତ୍ୱ କମିଥାଏ ଏବଂ କ୍ଷାରଅଂଶ ବଢ଼ିଥାଏ । ପୋଖରୀ ପାଣିର ପିଏଚ୍ ୭.୫ ରୁ ୮.୫ ମଧ୍ୟରେ ରଖିବାକୁ ସାହାଯ୍ୟ କରେ ଯାହା ଅଧିକ ମାଛ ଉତ୍ପାଦିକା ଶକ୍ତି ଯୋଗାଇଥାଏ । ଚୂନ ପ୍ରୟୋଗ ଦ୍ୱାରା ପୋଖରୀ ପାଣି ସଫା ହୁଏ । ଯାହା ଫଳରେ ଯଥେଷ୍ଟ ପରିମାଣର

ସୂର୍ଯ୍ୟାଲୋକ ପୋଖରୀରେ ପ୍ରବେଶ କରିଥାଏ । ପୋଖରୀ ମାଟି ଓ ପାଣିରେ ଥିବା କ୍ଷତିକାରକ ଗ୍ୟାସ୍‌କୁ ବାହାର କରିଦେବାରେ ସାହାଯ୍ୟ କରିଥାଏ । ଚୂନର ବ୍ୟବହାର ଦ୍ୱାରା ଅଧିକ ଅମ୍ଳଜାନ ପୋଖରୀ ଜଳରେ ଦ୍ରବୀଭୂତ ହୁଏ । ଏହା ଯବକ୍ଷାରଜାନ ପଟାସ୍ ଓ ଫସ୍‌ଫରସ୍ ଅଣୁ ଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରେ ଯାହା ଦ୍ୱାରା ପ୍ଲାଙ୍କଟନ ତିଆରି ହେବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ । ଚୂନରେ ଥିବା କ୍ୟାଲସିୟମ୍ ମାଛ ମାନଙ୍କ ମେରୁଦଣ୍ଡ କଣ୍ଟା ବଢ଼ିବାରେ ଭଲ ସାହାଯ୍ୟ କରିଥାଏ ଯଦ୍ୱାରା ମାଛ ଶୀଘ୍ର ବଢ଼ିଥାନ୍ତି । ମାଟିରେ ଥିବା ଉର୍ବରତାକୁ ବଢ଼ାଇବାରେ ସାହାଯ୍ୟ କରିଥାଏ ଏବଂ ଏହା ପୋଖରୀରେ ଥିବା କ୍ଷତିକାରକ ବ୍ୟାକ୍ଟେରିଆମାନଙ୍କୁ ନଷ୍ଟ କରିଦିଏ ।

## ସାରର ପ୍ରୟୋଗ

ଦୈନିକ ସାର ଭାବେ କଞ୍ଚା ଗୋବର ଏକର ପ୍ରତି ବର୍ଷକୁ ୪୦୦୦କେଜି ହିସାବରେ ବ୍ୟବହାର କରାଯାଏ । ରାସାୟନିକ ସାର ଭିତରେ ୟୁରିଆ ଏକର ପ୍ରତି ବର୍ଷକୁ ୨୦୦କେଜି ଓ ସୁପରସାର ଏକର ପ୍ରତି ୧୦୦ କେଜି ହିସାବରେ ପ୍ରୟୋଗ କରାଯାଏ । ଚୂନ ପ୍ରୟୋଗର ଏକ ସପ୍ତାହ ପରେ ଜାଆଁଳ ଛାଡ଼ିବା ପୂର୍ବରୁ ଏକ ଚତୁର୍ଥାଂଶ ପୋଖରୀ ପାଣିରେ ଗୋଳି ଦେବା ଉଚିତ୍ ଏବଂ ଅବଶିଷ୍ଟକୁ ମାସକୁ ମାସ ଦଶ ଥରରେ ପ୍ରୟୋଗ କରାଯିବା ଉଚିତ୍ । ସାର ପ୍ରୟୋଗ ଫଳରେ ପ୍ରାକୃତିକ ଖାଦ୍ୟ ପ୍ଲାଙ୍କଟନ୍ ପ୍ରସ୍ତୁତ ହୋଇଥାଏ ଓ ମାଛ ଜାଆଁଳ ଆବଶ୍ୟକୀୟ ପରିମାଣର ଖାଦ୍ୟ ପାଇ ବଞ୍ଚିଥାନ୍ତି ଓ ବଢ଼ିପାରନ୍ତି ।


## ମାଛ ଜାଆଁଳ

ଏକର ପିଛା ୫୦୦୦ ଛୋଟ ଜାଆଁଳ ବା ୨୦୦୦ ବଡ଼ ଜାଆଁଳ ସରକାରୀ ମାଛ ବିହନ କେନ୍ଦ୍ର ବା ସ୍ଥାନୀୟ ଜାଆଁଳ ଉତ୍ପାଦନକାରୀଙ୍କ ଠାରୁ ନେଇ ଛାଡ଼ିବା ଉଚିତ୍ । ଭାକୁର ୩୦%, ରୋହି ୪୦%, ବିଲାତିରୋହୀ ଓ ମିରିକାଳି ୩୦% ହିସାବରେ ଛାଡ଼ିବା ଆବଶ୍ୟକ । ଦଳ ଥିଲେ ଗ୍ରାସ୍‌କାର୍ପ ୨୦୦ରୁ ୫୦୦ ସଂଖ୍ୟାରେ ଛାଡ଼ିବା ଉଚିତ୍ । ବିଗ୍‌ହେଡ୍ ଓ ହାଇବ୍ରିଡ୍ ମାଗୁର ଛାଡ଼ିବା ଉଚିତ୍ ନୁହେଁ । ଅମ୍ଳଜାନ ପ୍ୟାକିଂରେ ଜାଆଁଳ ଆଣିବା ଆବଶ୍ୟକ । ୧୦-୧୫ ମିନିଟ୍ ପୋଖରୀ ପାଣିରେ ମୁଣାଟିକୁ ଭସାଇବା ପରେ ଏକ ମିଟର ଗଭୀରରେ ବିଭିନ୍ନ ସ୍ଥାନରେ ଜାଆଁଳ ଛାଡ଼ିବା ଦରକାର । ବଡ଼ ଜାଆଁଳ ପୋଟାସିୟମ୍ ପରମାଙ୍ଗାନେଟ୍ ପାଣିରେ ଅଧା ମିନିଟ୍ ବୁଡ଼ାଇ ଛାଡ଼ିଲେ ରୋଗ ଆକ୍ରମଣ କମ୍ ହୋଇଥାଏ ଓ ବଞ୍ଚିବା ହାର ବୃଦ୍ଧି ପାଇଥାଏ ।

## ଖାଦ୍ୟ ପ୍ରୟୋଗ

ଜାଆଁଳ ଛାଡ଼ିବା ପରଠାରୁ କୃତ୍ରିମ ଖାଦ୍ୟ ଯଥା- ବାଦାମ ପିଡ଼ିଆ ଓ କାଣ୍ଡିଆ କୁଣ୍ଡାକୁ ସମ ପରିମାଣରେ ମିଶାଇ ଖାଦ୍ୟ ପାତ୍ରରେ ସକାଳେ ଓ ସନ୍ଧ୍ୟା ବେଳେ ଦିଅନ୍ତୁ ।

மாছ ଓଜନର ୨% ହାରରେ ପ୍ରଥମ ମାସ ୪ କେଜି, ଦ୍ୱିତୀୟ ମାସ ୬ କେଜି, ତୃତୀୟ ମାସ ୮କେଜି ଏହିପରି ମାଛ ଉତ୍ପାଦନ ପର୍ଯ୍ୟନ୍ତ ପ୍ରୟୋଗ କରନ୍ତୁ ।



## ପୋଖରୀର ରକ୍ଷଣାବେକ୍ଷଣ

ପ୍ରତି ୨ ମାସରେ ପୋଖରୀରେ ଜାଲ ପକାଇ ମାଛ ଧରି ମାଛର ବୃଦ୍ଧି, ରୋଗ ଆକ୍ରମଣ, ପାଣିର ପିଏଚ୍, ପ୍ଲାଙ୍କଟନ୍ ନେଟ୍ ସାହାଯ୍ୟରେ ପ୍ଲାଙ୍କଟନ୍‌ର ପରିମାଣ ପରୀକ୍ଷା କରି ନିଅନ୍ତୁ । ଆବଶ୍ୟକ ଅନୁସାରେ ଚୂନ, ସାର ଓ ଖାଦ୍ୟ ପ୍ରୟୋଗ କରନ୍ତୁ । କ୍ଷତ ରୋଗର ସୂଚନା ଥିଲେ CIFAX ଏକ ଏକରରେ ୫୦୦ ମିଲି ପ୍ରୟୋଗ କରନ୍ତୁ ।

## ମାଛ ଅମଳ

ମାଛ ବିକ୍ରି ଯୋଗ୍ୟ ହୋଇଗଲେ ଅର୍ଥାତ୍ ୮୦୦ ଗ୍ରାମ୍‌ରୁ ଅଧିକ ହୋଇଗଲେ ପ୍ରତି ମାସରେ ଅମଳ କରି ସମାନ ସଂଖ୍ୟାରେ ଜାଆଁଳ ପୁଣି ପୋଖରୀରେ ଛାଡ଼ିବା ଉଚିତ୍ । ଏହାଦ୍ୱାର ପ୍ରାୟତଃ ବର୍ଷକୁ ୨୦୦୦ କେଜି ପର୍ଯ୍ୟନ୍ତ ମାଛ ଉତ୍ପାଦିତ ହୋଇପାରିବ ।





# ସମନ୍ୱିତ ମାଛ ଚାଷ

ମାଛ ଚାଷ ସହିତ ଅନ୍ୟାନ୍ୟ ଫସଲ, ପନିପରିବା ଚାଷ ଓ ପଶୁପକ୍ଷୀ ପାଳନ କରିବାକୁ ସମନ୍ୱିତ ମାଛ ଚାଷ ବୋଲି କୁହାଯାଏ । ଏହି ଚାଷ ପ୍ରଣାଳୀ ଦ୍ୱାରା ଆବର୍ଜନାର ପୁନଃ ଚକ୍ରୀକରଣ ହୋଇ ଏକ ସୁସ୍ଥ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଏକକ ଆୟତନ ବିଶିଷ୍ଟ ଜମିରୁ ଅଧିକ ଅମଳ ମିଳିଥାଏ ।

## ସମନ୍ୱିତ ମାଛ ଚାଷ କାହିଁକି କରିବା ?

ସମନ୍ୱିତ ମାଛ ଚାଷ ଦ୍ୱାରା ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳରେ ବେକାରୀ ଦୂରୀକରଣ, ଅଧିକ ଆତ୍ମନିଯୁକ୍ତିର ସମ୍ଭାବନା ତଥା ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ବିକାଶ ଘଟିଥାଏ । ସମନ୍ୱିତ ମାଛ ଚାଷ ପ୍ରଣାଳୀରେ ବାହାରୁ ଅଲଗା କୃତ୍ରିମ ଖାଦ୍ୟ ଓ ସାର ପ୍ରୟୋଗ କରିବାକୁ ପଡ଼େ ନାହିଁ । ପଶୁଧନ ପାଳନରୁ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ଯଥା- ଗୋବର, ଛେଳି ଲେଣ୍ଡି, କୁକୁଡ଼ା ଖତ ପ୍ରଭୃତି ମାଛ ଚାଷ ପାଇଁ ଦୈନିକ ସାର ରୂପେ ବ୍ୟବହାର ହୋଇପାରିବା ସଙ୍ଗେ ସଙ୍ଗେ ପୋଖରୀର ଜଳ ଓ ଜୈବିକ ଗୁଣ ସାର ଯୁକ୍ତ ପଙ୍କକୁ ବିଭିନ୍ନ ଫସଲ ପାଇଁ ବିନିଯୋଗ କରାଯାଇ ପାରେ । ପୋଖରୀରେ ମିଳୁଥିବା ସମସ୍ତ ସ୍ଥାନ ଯଥା- ପୋଖରୀ ହୁଡ଼ା, ପୋଖରୀ ପାଣିର ବିଭିନ୍ନ ସ୍ତର ଯଥା- ଉପରସ୍ତର, ମଝିସ୍ତର ଏବଂ ତଳସ୍ତରର ସମ୍ପୂର୍ଣ୍ଣ ବିନିଯୋଗ ସମନ୍ୱିତ ମାଛ ଚାଷରେ ହିଁ ସମ୍ଭବ ହୋଇପାରିଥାଏ । ପୋଖରୀ ତଳେ ବସି ଯାଉଥିବା ପଟୁ ମାଟିକୁ ପୋଖରୀ ହୁଡ଼ା ଉପରେ ପକାଇ ବିଭିନ୍ନ ପ୍ରକାର ଘାସଚାଷ, ପନିପରିବା ଚାଷ ଓ ଅନ୍ୟାନ୍ୟ ଫସଲ ଚାଷରେ ସାର ରୂପେ ବ୍ୟବହାର କରାଯାଇପାରେ ।

## ସମନ୍ୱିତ ମାଛ ଚାଷ ପାଇଁ ପୋଖରୀ ପ୍ରସ୍ତୁତି

ସାଧାରଣତଃ ସମନ୍ୱିତ ମାଛ ଚାଷ ପାଇଁ ପୋଖରୀଟି ଅପେକ୍ଷାକୃତ ବଡ଼ ଓ ଆୟତାକାର ହେବା ଉଚିତ୍ । ଯାହା ଫଳରେ ପୋଖରୀ ପରିଚାଳନା କରିବାରେ ଓ ଅମଳ ସମୟରେ ଖର୍ଚ୍ଚ କମ୍ ହୋଇଥାଏ । ପୋଖରୀ ହୁଡ଼ାର ଗଡ଼ାଣିରେ ନାପିୟର୍ ଘାସ ଓ ଅନ୍ୟାନ୍ୟ ଲୋଟଣୀ ଜାତୀୟ ଗଛ ଲଗାଯାଇ ପାରିବ ଏବଂ ପୋଖରୀ ଚାରି କଡ଼ରେ ବଡ଼ ବଡ଼ ଗଛ ରହିବା ଅନୁଚିତ । ପୋଖରୀକୁ ଭଲ ଭାବେ ପ୍ରସ୍ତୁତ କରିବା ଦରକାର । ଲୋକ ଲଗେଇ ପୋଖରୀରୁ ଅଦରକାରୀ ଘାସ ତଥା ଶିକାରୀ ମାଛ ଓ ଅଦରକାରୀ ମାଛକୁ ଅଲଗା କରିବା ଦରକାର ।

ଜାଆଁଳ ଛାଡ଼ିବା ପୂର୍ବରୁ ମାଟି ଓ ପାଣିର ଅମ୍ଳତ୍ୱ ଓ କ୍ଷାରତ୍ୱକୁ ନଜର ରଖି ହେକ୍ଟର ପିଛା ଦୁଇ କ୍ୱିଣ୍ଟାଲ୍‌ରୁ ତିନି କ୍ୱିଣ୍ଟାଲ୍ ଚୂନ ପକାଇବା ଉଚିତ୍ । ଚୂନ ପକାଇବା ପୂର୍ବରୁ ଏହାକୁ

ଭଲଭାବେ ରାନ୍ଧି ଦେବା ଉଚିତ୍ ।

ପୋଖରୀ ହୁଡ଼ା ଉପରେ ଗାଈ, ଛେଳି, କୁକୁଡ଼ା, ବତକ, ଘୁଷୁରି ଇତ୍ୟାଦି ରଖିବା ପାଇଁ ଚାଳ ବା ଆଜବେଷ୍ଟସ୍‌ର ଚାଉଣୀ ଘର ତିଆରି କରିବା ଆବଶ୍ୟକ ଏବଂ ଏହି ଘରୁ ଏକ ନିର୍ଗମ ନଳୀ ପୋଖରୀ ଭିତରକୁ ରଖିବା ଦରକାର ଯେପରିକି ଏହି ଘରର ମଳମୂତ୍ର ସବୁ ପୋଖରୀ ଭିତରେ ପ୍ରବେଶ କରିପାରିବ ଏବଂ ମାଛର ଖାଦ୍ୟ ବା ସାର ରୂପେ କାମ କରିବ ।

## ଖତ ଓ ସାରର ବ୍ୟବହାର

ସମନ୍ୱିତ ମାଛ ଚାଷ ପ୍ରଣାଳୀରେ ରାସାୟନିକ ସାରର ବ୍ୟବହାର କରିବାକୁ ପଡ଼ିନଥାଏ । ପୋଖରୀ ହୁଡ଼ାରେ ପାଳନ କରାଯାଉଥିବା ପଶୁପକ୍ଷୀମାନଙ୍କର ଖତ ଓ ମଳରେ ଜୈବିକ ସାର, ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଇତ୍ୟାଦି ସାର ମାନ ଉଣା ଅଧିକ ଭାବେଥାଏ । ଯେପରିକି ଛେଳି ମଳରେ ଅଧିକ ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଥାଏ ଏବଂ ଠେକୁଆ ମଳରେ ଅଧିକ ଜୈବିକ ସାର ଥାଏ ।

## ମାଛ ଜାଆଁଳ

ସାଧାରଣତଃ ଗୋଟିଏ ହେକ୍ଟର ପୋଖରୀ ପିଛା ୫୦୦୦ ସଂଖ୍ୟାରେ ଆଙ୍ଗୁଳି ଆକାରର ଜାଆଁଳ ଛଡ଼ାଯାଇଥାଏ । ଏତଦ୍‌ବ୍ୟତୀତ ଜାଆଁଳ ଗୁଡ଼ିକୁ ନିର୍ଦ୍ଦିଷ୍ଟ ଅନୁପାତରେ ଛାଡ଼ିବା ଉଚିତ୍ । ଯଥା -

୧. ଭାକୁର ଓ ସିଲ୍‌ଭର କାର୍ପ (ରୂପାପେଟୀ) - ୪୦ ଭାଗ

୨. ରୋହୀ ଓ ଗ୍ରାସ୍ କାର୍ପ (ଦଳଖାଇ) - ୩୦ ଭାଗ

୩. ମିରିକାଳୀ ଓ ବିଲାତିରୋହୀ - ୩୦ ଭାଗ

ଏହିସବୁ ମାଛ ଜାଆଁଳ ସହ ମଧୁର ଜଳ ଚିଙ୍ଗୁଡ଼ି ଜାଆଁଳଙ୍କୁ ୭୫୦୦ ସଂଖ୍ୟାରେ ମଧ୍ୟ ଛଡ଼ାଯାଇ ପାରିବ ।

## ମାଛ୍ୟ ଖାଦ୍ୟ ପ୍ରୟୋଗ

ସାଧାରଣତଃ ମାଛ ମାନେ ଦୁଇ ପ୍ରକାରର ଖାଦ୍ୟ ଖାଇଥାନ୍ତି । ଯଥା- ପ୍ରାକୃତିକ ଖାଦ୍ୟ (ପ୍ଲାଙ୍କଟନ୍) ଏବଂ କୃତ୍ରିମ ଖାଦ୍ୟ । ପୋଖରୀ ହୁଡ଼ାରେ ପାଳନ କରାଯାଉଥିବା ପଶୁପକ୍ଷୀ ମାନଙ୍କର ମଳମୂତ୍ରର ବ୍ୟବହାର ଦ୍ୱାରା ଯଥେଷ୍ଟ ପ୍ଲାଙ୍କଟନ୍ ପୋଖରୀ ଭିତରେ ହୋଇଥାଏ ଏବଂ ମାଛର ବୃଦ୍ଧି ମଧ୍ୟ ଭଲ ହୋଇଥାଏ । କୃତ୍ରିମ ଖାଦ୍ୟ ଭାବରେ ବାଦାମ ପିଡ଼ିଆ ଓ କୁଣ୍ଡାର ମିଶ୍ରଣକୁ ମାଛ ଶରୀର ଓଜନର ଶତକଡ଼ା ୨-୩ ଭାଗ ଭାବରେ ଦିଆଯାଏ । ଏହି କୃତ୍ରିମ ଖାଦ୍ୟର ଶତକଡ଼ା ୧ ଭାଗ ଭିଟାମିନ୍ ଓ ମିନେରାଲ୍ ଦେଲେ ମାଛର ଶରୀରର ବୃଦ୍ଧି ହେବା ସହିତ ରୋଗ ନିରୋଧକ ଶକ୍ତି ବଢ଼ିଥାଏ ।

## ସମନ୍ୱିତ ମାଛ ଚାଷର ପ୍ରକାର ଭେଦ


ସମନ୍ୱିତ ମାଛ ଚାଷରେ ଆମେ ମାଛ ସହିତ ବିଭିନ୍ନ ପ୍ରକାରର ପଶୁପକ୍ଷୀ ପାଳନ କରିପାରିବା ଓ ବିଭିନ୍ନ ପ୍ରକାରର ଉଦ୍ୟାନ ଫସଲ ମଧ୍ୟ ଚାଷ କରିପାରିବା । କିନ୍ତୁ ଅଧିକ ଲାଭ ପାଇବାକୁ ହେଲେ ଆମକୁ ନିମ୍ନଲିଖିତ ଚାଷ ପ୍ରଣାଳୀ ଅବଲମ୍ବନ କରିବାକୁ ହେବ । ଯଥା -

୧. ମାଛ ସହ ବତକ ପାଳନ ୨. ମାଛ ସହ କୁକୁଡ଼ା ପାଳନ ୩. ମାଛ ସହ ଗୋପାଳ ୪. ମାଛ ସହ ଛେଳି ପାଳନ ୫. ମାଛ ସହ ଘୁଷୁରି ପାଳନ ୬. ବାୟୋଗ୍ୟାସ୍ ଓ ମାଛ ଚାଷ ୭. ଉଦ୍ୟାନ ଫସଲ ଚାଷ ଇତ୍ୟାଦି ।

## ୧. ମାଛ ସହ ବତକ ପାଳନ

ବତକ ମାନେ ପୋଖରୀରୁ ସେମାନଙ୍କ ଆବଶ୍ୟକ ହେଉଥିବା ଖାଦ୍ୟ ପରିମାଣର ତିନି ଚତୁର୍ଥାଂଶ ସଂଗ୍ରହ କରି ଖାଇ ବଢ଼ିଥାନ୍ତି । ସେମାନେ ପୋଖରୀରୁ ଅନେକ ଅଦରକାରୀ ଖାଦ୍ୟ ପଦାର୍ଥ ଖାଇଥାନ୍ତି । ଯଥା- ଗେଣ୍ଡା, ପୋକଜୋକ, ଛୋଟ ଛୋଟ ଉଦ୍ଭିଦ ଇତ୍ୟାଦି । ଯାହା ଫଳରେ ପୋଖରୀର ପାଣି ନିର୍ମଳ ଓ ରୋଗମୁକ୍ତ ହୋଇଥାଏ । ଏହାଛଡ଼ା ବତକମାନେ ପୋଖରୀ ପାଣିରେ ମଳତ୍ୟାଗ କରିଥାନ୍ତି । ଏହା ମାଛ ମାନଙ୍କ ପାଇଁ ପ୍ରାକୃତିକ ଖାଦ୍ୟ ପଦାର୍ଥ ଯଥା- ପ୍ଲାଙ୍କଟନ୍ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ । ସାଧାରଣତଃ ପ୍ରତ୍ୟେକ ବତକ ଦିନକୁ ୧୨୫-୧୫୦ ଗ୍ରାମ୍ ମଳତ୍ୟାଗ କରିଥାନ୍ତି । ହେକ୍ଟର ପିଛା ୨୦୦-୩୦୦ ବତକ ଯେତେ ପରିମାଣର ମଳତ୍ୟାଗ କରନ୍ତି, ତାହା ପୋଖରୀକୁ ଖାଦ୍ୟସାର ଯୋଗାଇବାରେ ଯଥେଷ୍ଟ । ଯଦି ଅଣ୍ଡା ଦେଉଥିବା ଖାକି କାମ୍ବେଲ୍ ଜାତୀୟ ବତକ ରଖାଯାଏ ତେବେ ସେମାନେ ଅନାବଶ୍ୟକ ପଦାର୍ଥ ଖାଇବା ସଙ୍ଗେ ସଙ୍ଗେ ପୋଖରୀରେ ହେଉଥିବା ଦଳ ଖାଇ ବର୍ଷକୁ ପ୍ରତି ବତକ ୨୦୦ ଲେଖାଏଁ ଅଣ୍ଡା ଦେଇଥାନ୍ତି । ତେଣୁ ଆମେ ମାଛ ପାଇବା ସଙ୍ଗେ ସଙ୍ଗେ ବତକ ଅଣ୍ଡା ଓ ମାଂସ ପାଇ ଅଧିକ ଲାଭବାନ୍ ହୋଇପାରିବା ।

ବତକ ସହ ମାଛ ଚାଷ କରାଯାଉଥିବା ପୋଖରୀରେ ହେକ୍ଟର ପିଛା ୮ ସେମିରୁ ଉର୍ଦ୍ଧ୍ୱ ଆକାରର ୫୦୦୦-୬୦୦୦ ସଂଖ୍ୟାର ବିଶୁଦ୍ଧ, ନିରୋଗ ଓ ଜାତିଆ ଜାଆଁଳ ଛାଡ଼ିବାକୁ ପଡ଼ିଥାଏ । କାରଣ ଇଞ୍ଚିକିଆ ଜାଆଁଳ ଛାଡ଼ିଲେ ଏହାକୁ ବତକ ଖାଇଯିବାର ସମ୍ଭାବନା ଅଧିକ ଥାଏ । ଏହାଛଡ଼ା ମାଛ ଚାଷ ପୋଖରୀ ପାଖରେ ଯଦି ନର୍ସରୀ ବା ଇୟରଲିଙ୍ଗ୍



ପୋଖରୀ ଅଛି ତାହେଲେ ତା ଉପରେ ଛିଣ୍ଡାଜାଲ ଘୋଡ଼ାଇ ରଖିବା ଉଚିତ୍ । ବତକ ଗୁଡ଼ିକ ପୋଖରୀରେ ପହଁରିବା ଦ୍ୱାରା ପାଣିରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ବୃଦ୍ଧି ପାଇଥାଏ । ଏମାନେ ଖାଦ୍ୟ ସଂଗ୍ରହ ସମୟରେ ପୋଖରୀରେ ବୁଡ଼ି ପଙ୍କକୁ ଥଣ୍ଟଦ୍ୱାରା ଘାଟିବା ଦ୍ୱାରା ପଙ୍କରେ ଆବଦ୍ଧ ଅବସ୍ଥାରେ ଥିବା ମୌଳିକ ଗୁଣସାର ଗୁଡ଼ିକ ଜଳସ୍ତରକୁ ଅପସାରିତ ହୋଇଥାଏ । ଏହିଭଳି ସମନ୍ୱିତ ଚାଷ ପ୍ରଣାଳୀରେ ବର୍ଷକୁ ହେକ୍ଟର ପିଛା ୩୦୦୦-୪୦୦୦ କେଜି ମାଛ, ୪୦୦୦୦-୫୦୦୦୦ ଅଣ୍ଡା ଏବଂ ୮୦୦ କେଜି ବତକ ମାଂସ ମିଳିଥାଏ । ଏଥିପାଇଁ ଚୂନ ବ୍ୟତୀତ ଅନ୍ୟ କୌଣସି ବାହାରୁ ଖାଦ୍ୟ ବା ରାସାୟନିକ ସାର ପୋଖରୀରେ ପକାଇବାକୁ ପଡ଼ିନଥାଏ ।


## ୨. ମାଛ ସହ କୁକୁଡ଼ା ପାଳନ



ମାଛ ଚାଷ ସହ ଦେଶୀ କୁକୁଡ଼ା ଚାଷ ଅତି ଉତ୍ତମ । ଖାଦ୍ୟ ଭାବରେ ଏହି କୁକୁଡ଼ାକୁ ପ୍ରତ୍ୟେକ ଦିନ ଧାନ ଓ ଗହମ ଗୁଣ୍ଡ ଦେଲେ ସେମାନଙ୍କ ଅଣ୍ଡା ଉତ୍ପାଦନ ଶକ୍ତି ବଢିଥାଏ । ଏତଦ୍‌ବ୍ୟତୀତ କୁକୁଡ଼ାର ମଳ ପୋଖରୀରେ ବ୍ୟବହାର କଲେ ତାହା ମାଛମାନଙ୍କୁ ପ୍ରାକୃତିକ ଖାଦ୍ୟ ଦେବା ସଙ୍ଗେ ସଙ୍ଗେ ମାଛ ମାନଙ୍କର ଓଜନ ବୃଦ୍ଧି କରାଇଥାଏ । ଅନ୍ୟ ଖତସାର ତୁଳନାରେ କୁକୁଡ଼ା ମଳ ବହୁତ ଭଲ କାମ କରିଥାଏ । କୁକୁଡ଼ା ଭାଡ଼ି ତିଆରି କରିବାକୁ ହେଲେ ଆମକୁ ବାଉଁଶ ବା ତାରଜାଲି ବ୍ୟବହାର କରିବା ଆବଶ୍ୟକ । ଏହା କରିବା ଦ୍ୱାରା ମାଛ ଚାଷୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇନଥାନ୍ତି । ପୋଖରୀ ହୁଡ଼ାରେ ତାର ଜାଲି ଦିଆ କାନ୍ଥ ସହ ଚାଳ ଛପର ଘରଟିଏ କରି ମାଂସଳ କୁକୁଡ଼ା ବା ଅଣ୍ଡା ଦିଆ କୁକୁଡ଼ା ବା ରଙ୍ଗୀନ କୁକୁଡ଼ା ଯଥା ବନରାଜା, ଗ୍ରାମପ୍ରିୟ ଓ ବ୍ଲାକରକ୍ ଇତ୍ୟାଦି ପାଳନ କରାଯାଇପାରେ । ଏହି ଘରର ଚଟାଣ ଉପରେ ୬ ଇଞ୍ଚ ବହଳର ଚଷୁ ବିଛାଇ ଦିଆଯାଏ । ଏହାପରେ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ୨ ମାସ ବୟସର ପ୍ରତିଷେଧକ ଟୀକାପ୍ରାପ୍ତ ଚିଆଁ ୫୦୦-୬୦୦ଟି ଏକ ହେକ୍ଟର ଜଳାୟତନ ବିଶିଷ୍ଟ ମାଛ ଚାଷ ପୋଖରୀ ପାଇଁ ପାଳନ କରାଯାଇଥାଏ । ଯାହାଫଳରେ ଏମାନେ ୫ ମାସ ବୟସ ବେଳକୁ ଅଣ୍ଡା ଦେବା ଆରମ୍ଭ କରିଥାନ୍ତି ଏବଂ ଦେଢ଼ ବର୍ଷ ପର୍ଯ୍ୟନ୍ତ ଏମାନଙ୍କ ଅଣ୍ଡାଦିଆ କ୍ଷମତା ରହିଥାଏ । ଏହାପରେ ଏମାନଙ୍କୁ ବିକ୍ରି କରିଦେବା ଉଚିତ । ଯଦି ମାଂସଳ କୁକୁଡ଼ା ପାଳନ କରାଯାଏ ତା ହେଲେ ଗୋଟିଏ ଥରରେ ଦିନିକିଆ ଚିଆଁ ୫୦୦-୬୦୦ ଟି କିଣି ତାକୁ ୫ ଦିନ ପରେ ମାଂସ ପାଇଁ ବିକ୍ରି କରିଦିଆଯାଏ । ଏଭଳି କରିବା ଦ୍ୱାରା ଆମେ ବର୍ଷେ ମଧ୍ୟରେ ସାତ ଥର ମାଂସଳ

କୁକୁଡ଼ା ପାଳନ କରି ବିକ୍ରି କରିପାରିବା । ଏହି କୁକୁଡ଼ା ମାନଙ୍କୁ ଖାଦ୍ୟ ଭାବରେ ବଜାରରେ ମିଳୁଥିବା ବିଭିନ୍ନ କମ୍ପାନୀ ଗୁଡ଼ିକର ଦାନାଦାର (Crumble) ଖାଦ୍ୟ ଦିଆଯାଏ । ଏତଦ୍‌ବ୍ୟତୀତ ମାଂସଳ କୁକୁଡ଼ା ପାଇଁ ରୋଗ ପ୍ରତିଷେଧକ ଟୀକା ଠିକ୍ ସମୟରେ ଦେବା ଉଚିତ୍ । କୁକୁଡ଼ା ଘରେ ବିଛାଯାଇଥିବା ଚଷୁ ଦୁଇମାସ ପରେ ଖତରେ ପରିଣତ ହୋଇଥାଏ । ସେଗୁଡ଼ିକୁ ସିଧାସଳଖ ପୋଖରୀରେ ପକାଯାଇଥାଏ । ଯଦି ପୋଖରୀ ଜଳରେ ନେଳି ସୃଷ୍ଟି ହୁଏ ତେବେ ଖତ ପକାଇବା ବନ୍ଦ କରିଦେଇ ହେକ୍ଟର ପିଛା ୨୦୦-୩୦୦ କେଜି ଚୂନ ପ୍ରୟୋଗ କରିବାକୁ ପଡ଼ିଥାଏ । ଏହି ଚାଷ ପଦ୍ଧତିରେ ଚୂନ ବ୍ୟତୀତ ଆଉ କୌଣସି କୃତ୍ରିମ ଖାଦ୍ୟ ବା ରାସାୟନିକ ସାର ଦିଆଯାଏ ନାହିଁ ଏବଂ ହେକ୍ଟର ପିଛା ବର୍ଷକୁ ୩୦୦୦-୪୦୦୦ କେଜି ମାଛ, ୮୦୦୦୦-୧୦୦୦୦୦ ଅଣ୍ଡା ଏବଂ ୧୨୦୦ କେଜି କୁକୁଡ଼ା ମାଂସ ପାଇଥାଉ ।

## ୩. ମାଛ ସହ ଗୋପାଳନ




ମାଛ ସହ ଗୋପାଳନର ପ୍ରଧାନ ଲକ୍ଷ୍ୟ ହେଲା ଏହା ମାଛ ଚାଷ ପିଛା ହେଉଥିବା ଖର୍ଚ୍ଚକୁ କମାଇ ଦେବା ସଙ୍ଗେ ସଙ୍ଗେ ଆମର ଆୟକୁ ମଧ୍ୟ ବଢ଼ାଇପାରିବ । ତେଣୁ ଏହି ଚାଷ ପ୍ରଣାଳୀ କରିବାକୁ ହେଲେ ଆମକୁ ଗୋଟିଏ ଛୋଟ ଗୁହାଳ ପୋଖରୀ ହୁଡ଼ାରେ କରିବାକୁ ପଡ଼ିବ । ଦୁଇଟି ସଙ୍କର ଜାତୀୟ ଗାଈ ରଖିବାକୁ ପଡ଼ିବ । କାରଣ ଏମାନଙ୍କ ଦୁଗ୍ଧ ଦେବାର କ୍ଷମତା ଅଧିକ ହୋଇଥାଏ । ସାଧାରଣତଃ ସଙ୍କର ଜାତୀୟ ଗାଈ ପ୍ରତିଦିନ ପ୍ରାୟ ୬-୭ ଲିଟର୍ ଦୁଗ୍ଧ ଦେଇଥାନ୍ତି । ତେଣୁ ଦୁଇଟି ଗାଈରୁ ଆମେ ବର୍ଷକୁ ଅତି କମ୍‌ରେ ୨୦୦୦ଲିଟର୍ କ୍ଷୀର ପାଇପାରିବା । ଏହି ସମନ୍ୱିତ ଚାଷ ପ୍ରଣାଳୀ ନିମିତ୍ତ ଏକ ହେକ୍ଟର ଜଳାୟନ ବିଶିଷ୍ଟ ପୋଖରୀ ପାଇଁ ୧୦ଟି ଦୁଧିଆଳୀ ଗାଈ ସହ ସେମାନଙ୍କର ବାଛୁରୀ ଗୁଡ଼ିକୁ ହୁଡ଼ା ଉପରେ ଗୁହାଳ କରି ପାଳନ କରାଯାଇଥାଏ । ଗାଈମାନଙ୍କର ମଳମୂତ୍ର ଓ ଗୁହାଳ ଧୁଆ ପାଣି ନାଳି ସାହାଯ୍ୟରେ ପୋଖରୀ ଜଳକୁ ହୁଡ଼ା ଉପରେ ପକାଇ ହାତୀଆ ଘାଷ ଚାଷ କରାଯାଏ ଏବଂ ଏହି ଘାସକୁ ପ୍ରତିଦିନ ଗାଈ ପିଛା ୨୫କିଲୋ ହିସାବରେ ଖାଇବାକୁ ଦିଆଯାଇଥାଏ । ଏପରି ଚାଷ କରିବା ଦ୍ୱାରା ବର୍ଷକୁ ହେକ୍ଟର ପିଛା ୮୦୦୦-୯୦୦୦ ଲିଟର କ୍ଷୀର ପାଇବା ସଙ୍ଗେ ୪୦୦୦-୪୫୦୦ କେଜି ପର୍ଯ୍ୟନ୍ତ ମାଛ ଅମଳ ହୋଇଥାଏ ।

### ୪. ମାଛ ସହ ଛେଳି ପାଳନ:



ସାଧାରଣତଃ ଏକ ହେକ୍ଟର ଜଳାୟତନ ବିଶିଷ୍ଟ ପୋଖରୀରେ ମାଛ ଚାଷ କରିବାକୁ ହେଲେ ହୁଡ଼ା ଉପରେ ୩୫-୪୦ ଗୋଟି ଛେଳି ପାଳନ କରିବାକୁ ହୋଇଥାଏ । ଏହି ଛେଳି ଗୁଡ଼ିକ କଳା ବେଙ୍ଗଲ୍ ବା ବାରବାରି ପ୍ରଜାତିର ହେଲେ ଭଲ । ପ୍ରତିଦିନ ଏମାନଙ୍କର ମୂତ୍ର ସହ ଲଣ୍ଡି ଗୁଡ଼ିକୁ ଗୁହାଳଧୁଆ ପାଣି ସହ ନାଳି ସାହାଯ୍ୟରେ ପୋଖରୀରେ ପକାଯାଇଥାଏ । ଛେଳିମାନଙ୍କୁ ପ୍ରତିଦିନ ଖାଦ୍ୟ ଭାବରେ ହୁଡ଼ାରେ ହେଉଥିବା ଘାସ, ଶାଗପତ୍ର ଓ କୋବିପତ୍ରକୁ କାଟି ଖାଇବାକୁ ଦିଆଯାଇଥାଏ । ଏତଦ୍‌ବ୍ୟତୀତ ଦୋକାନରେ ମିଳୁଥିବା କୃତ୍ରିମ ଶୁଖିଲା ଖାଦ୍ୟର ପ୍ରୟୋଗ କରିବା ଦ୍ୱାରା ଛେଳି କ୍ଷୀର ପାଇବା ସହ ମାଂସ ମଧ୍ୟ ଉତ୍ପାଦନ ହୋଇପାରିବ । ଏହାସହିତ ହେକ୍ଟର ପିଛା ପୋଖରୀରୁ ୩୫୦୦-୪୦୦୦ କେଜି ମାଛ ମଧ୍ୟ ଅମଳ କରିହେବ ।


### ୫. ମାଛ ସହ ଘୁଷୁରୀ ପାଳନ



ଅର୍ଥନୈତିକ ଦୃଷ୍ଟି କୋଣରୁ ବିଭିନ୍ନ ପ୍ରକାରର ସମନ୍ୱିତ ଚାଷ ପ୍ରଣାଳୀ ମଧ୍ୟରେ ମାଛ ସହ ଘୁଷୁରୀ ପାଳନ ହେଉଛି ଏକ ଅତ୍ୟନ୍ତ ଲାଭଦାୟକ ଚାଷ ପ୍ରଣାଳୀ । ଘୁଷୁରୀ ମାନଙ୍କର ମଳମୂତ୍ର, ଘୁଷୁରୀ ରହିବା ଘରର ଆବର୍ଜନା ଇତ୍ୟାଦିରେ ଗାଈ ଓ କୁକୁଡ଼ା ଖତ ଠାରୁ ମଧ୍ୟ ଅଧିକ ପରିମାଣର ଯବକ୍ଷାରଜାନ ଓ ପଟାସ୍ ଗୁଣସାର ଥାଏ । ଏକ ହେକ୍ଟର ପୋଖରୀରେ ମାଛ ସହ ଘୁଷୁରୀ ପାଳନ କରିବାକୁ ହେଲେ ଆମକୁ ପୋଖରୀ ହୁଡ଼ା ଉପରେ ୩୦-୪୦ଟି ଘୁଷୁରୀ ରଖିବାକୁ ହେବ । ସାଧାରଣତଃ ଲାର୍ଜ ହ୍ୱାଇଟ୍ ୟୋର୍କ ସାୟାର୍, ଲେଣ୍ଡ୍‌ରେସ୍ ଓ ହାମ୍ପସାୟାର୍ ପ୍ରଜାତିର ଧଳା ଘୁଷୁରୀ ମାନଙ୍କୁ ସମନ୍ୱିତ ଚାଷ ପ୍ରଣାଳୀରେ ପାଳନ କରାଯାଇଥାଏ । ଘୁଷୁରୀ ମାନଙ୍କ ସୁରକ୍ଷା ପାଇଁ ଭଲଭାବେ ଘୁଷୁରୀ ମାନଙ୍କ ପାଇଁ ଘର ତିଆରି କରିବା ଦରକାର । ଗୋଟିଏ ୭୦-୯୦ କେଜି ଓଜନର ଘୁଷୁରୀ ରହିବା ପାଇଁ ୩-୪ ବର୍ଗମିଟର୍‌ର ଜାଗା ଦରକାର ହୋଇଥାଏ ।

ଏହି ଘର ଆମେ ପୋଖରୀ ହୁଡ଼ାରେ କରିପାରିବା ନଚେତ୍ ପୋଖରୀ ପାଣି ଉପରେ ଭାସମାନ ମଞ୍ଚା ତିଆରି କରି ରଖିପାରିବା । ଏହି ଘରର ଆବର୍ଜନା ସବୁକୁ ପୋଖରୀ ଭିତରକୁ ସିଧାସଳଖ ଏକ ନିର୍ଗମ ନଳୀ ମାଧ୍ୟମରେ ପୁରାଇବା । ଯାହା ଫଳରେ ବାହାରୁ ଖାଦ୍ୟ ଓ ସାରର ଆବଶ୍ୟକତା ପଡ଼ିନଥାଏ । ଘୁଷୁରୀମାନଙ୍କୁ ଖାଦ୍ୟ ଭାବେ ରୋଷେଇ ଘରର ଆବର୍ଜନା ଛୋଟ ଉଦ୍ଭିଦ ଓ ଫସଲରୁ ବାହାରୁଥିବା ଆବର୍ଜନା ମାନ ଦିଆଯାଇଥାଏ । ଘୁଷୁରୀମାନଙ୍କ ଲାଳନ ପାଳନ ଅପେକ୍ଷାକୃତ ସୁବିଧାଜନକ ହୋଇଥାଏ । ଯଦି ଭଲ ଭାବରେ ଘୁଷୁରୀ ମାନଙ୍କ ଯତ୍ନ ନିଆଯାଏ ଏବଂ ଖାଦ୍ୟ ଠିକ୍ ଭାବରେ ଦିଆଯାଏ ତେବେ ସେମାନେ ୬ ମାସ ଭିତରେ ଅତିକମ୍‌ରେ ୬୦-୭୦ କେଜି ଓଜନର ହୋଇଯାଆନ୍ତି । ଏହାପରେ ଏମାନଙ୍କୁ ବିକ୍ରି କରିଦିଆଯାଏ ଏବଂ ପୁଣି ନୂଆ ଘୁଷୁରୀ ଛୁଆ ଆଣି ପାଳନ କରାଯାଏ । ଏହି ଚାଷ ପ୍ରଣାଳୀରେ ମଧ୍ୟ ହେକ୍ଟର ପିଛା ୫୦୦୦-୬୦୦୦ ସଂଖ୍ୟାରେ କାର୍ପ ମାଛ ଜାଆଁଳ ପୋଖରୀରେ ଛଡ଼ା ଯାଇଥାଏ । ଏପରି ଚାଷ କରିବା ଦ୍ୱାରା ବର୍ଷକୁ ଏକ ହେକ୍ଟର ପୋଖରୀରୁ ଆମେ ୪୦୦୦-୫୦୦୦ କେଜି ମାଛ ଅମଳ କରିପାରିବା ଏବଂ ୫୦୦୦-୬୦୦୦ କେଜି ଘୁଷୁରୀ ମାଂସ ପାଇପାରିବା ।

## ୬. ବାୟୋଗ୍ୟାସ୍ ଓ ମାଛଚାଷ



ବାୟୋଗ୍ୟାସ୍ ଉତ୍ପାଦନ ପାଇଁ ସାଧାରଣତଃ ଗୋବର ପ୍ରୟୋଗ କରାଯାଏ । ଏହି ଉତ୍ପାଦିତ ବାୟୋଗ୍ୟାସ୍ ଆମକୁ ଇନ୍ଧନ ଯୋଗାଇଥାଏ ଏବଂ ରନ୍ଧାରନ୍ଧି କାର୍ଯ୍ୟରେ ଓ ଆଲୋକ ଯୋଗାଇବାରେ ସାହାଯ୍ୟ କରିଥାଏ । ଏହି ବାୟୋଗ୍ୟାସ୍ ଆମକୁ ଗୋବର ତଥା ଫାର୍ମର ବିଭିନ୍ନ ଅନାବଶ୍ୟକ ପଦାର୍ଥ ଯଥା- ଘାସ, ଆଖୁପତ୍ର, କଦଳୀପତ୍ର, ବିଲାତିପତ୍ର ଓ ବିଲାତିଦଳ ଇତ୍ୟାଦିରୁ ମିଳିଥାଏ । ବାୟୋଗ୍ୟାସ୍ ପାଇସାରିବା ପରେ ସେଥିରୁ ମିଳୁଥିବା ସ୍ଲରିକୁ ଆମେ ମାଛ ପୋଖରୀରେ ଖତ ହିସାବରେ ମଧ୍ୟ ବ୍ୟବହାର କରିପାରିବା ।

## ୭. ମାଛ ସହ ଉଦ୍ୟାନ ଫସଲ ଚାଷ

ଋତୁ ଅନୁସାରେ ଆମେ ପୋଖରୀ ହୁଡ଼ାରେ ବିଭିନ୍ନ ପ୍ରକାରର ପନିପରିବା, ଫଳମୂଳ, ମସଲା ଜାତୀୟ ଫସଲ ତଥା ବିଭିନ୍ନ ପ୍ରକାର ଫୁଲ ଚାଷ କରିପାରିବା । ପନିପରିବା ଯଥା- ବାଇଗଣ, ଭେଣ୍ଡି, ଶାଗ, ମୂଳା, ବିନ୍‌ସ, କଲରା, କାକୁଡ଼ି, କୋବି,

ଜହ୍ନି, ପୋଟଳ ଓ ଛଚିନ୍ଦ୍ରା ଇତ୍ୟାଦି କରିପାରିବା । ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାରର ଫଳଚାଷ ମଧ୍ୟ କରିପାରିବା । ଯଥା- ଅମୃତଭଣ୍ଡା, କଦଳୀ, ଗୁଆ, ନଡ଼ିଆ ଇତ୍ୟାଦି । ଫୁଲ ଚାଷ ମଧ୍ୟରେ ଗେଣ୍ଡୁଫୁଲ ମୁଖ୍ୟତଃ କରାଯାଇଥାଏ । ଏହାଛଡ଼ା ଯିଙ୍ଗିରି ଛତୁ, ପାଳଛତୁ ମଧ୍ୟ ଚାଷ କରାଯାଇପାରିବା । ପୋଖରୀ ହୁଡ଼ା ଉପରେ ଅତିକମ୍‌ରେ ୨ଟି ମହୁବାକ୍ସ ବସାଇ ମହୁ ଅମଳ ମଧ୍ୟ କରିପାରିବା ଓ ଗୋଟିଏ ଦୁଇଟି ଟାଙ୍କି କରି ଜିଆ ଖତ ପ୍ରସ୍ତୁତ କରିପାରିବା ।




## ସମନ୍ୱିତ ମାଛ ଚାଷର ଆୟ ବ୍ୟୟର ସମୀକ୍ଷା

| କ୍ର. ନଂ. | ଉପାଦାନ | ଖର୍ଚ୍ଚ (ଟଙ୍କାରେ) ମାଛ ସହ କୁକୁଡ଼ା | ମାଛ ସହ ବତକ | ମାଛ ସହ ଘୁଷୁରୀ |
|---|---|---|---|---|
| ୧. | ପଶୁପକ୍ଷୀମାନଙ୍କ ଆଶ୍ରୟ ସ୍ଥଳୀ | ୬୦,୦୦୦ | ୪୦,୦୦୦ | ୬୦,୦୦୦ |
| ୨. | ପୋଖରୀର ଲିଜ୍ ମୂଲ୍ୟ | ୨୦,୦୦୦ | ୨୦,୦୦୦ | ୨୦,୦୦୦ |
| ୩. | ବ୍ଲିଚିଂ ପାଉଡର (୧୦ ପି.ପି.ଏମ୍.) | ୧୦,୦୦୦ | ୧୦,୦୦୦ | ୧୦,୦୦୦ |
| ୪. | ମାଛ ଜାଆଁଳ (୬୦୦୦ ସଂଖ୍ୟା) | ୧୨,୦୦୦ | ୧୨,୦୦୦ | ୧୨,୦୦୦ |
| ୫. | ୬୦୦ କୁକୁଡ଼ା ଛୁଆ | ୧୦,୦୦୦ | - | - |
| | ୬୦୦ ବତକ ଚିଆଁ | - | ୧୨,୦୦୦ | - |
| | ୮୦ ଘୁଷୁରୀ ଛୁଆ (୨ ଥର) | - | - | ୪୦,୦୦୦ |
| ୬. | ପଶୁ ପକ୍ଷୀଙ୍କ ଖାଦ୍ୟ | ୧,୫୦,୦୦୦ | ୮୦,୦୦୦ | ୧,୯୦,୦୦୦ |
| ୭. | ମଜୁରୀ ବାବଦରେ | ୧,୦୦,୦୦୦ | ୪୦,୦୦୦ | ୧,୦୦,୦୦୦ |
| ୮. | ଅନ୍ୟାନ୍ୟ | ୨୦,୦୦୦ | ୨୦,୦୦୦ | ୨୦,୦୦୦ |
| | ସମୁଦାୟ | ୩,୮୨,୦୦୦ | ୨,୩୪,୦୦୦ | ୪,୫୨,୦୦୦ |

## ଆୟ

| | | | |
|---|---|---|---|
| ମାଛ | ୩,୦୦,୦୦୦ | ୩,୦୦,୦୦୦ | ୩,୦୦,୦୦୦ |
| @ ଟ. ୧୦୦/କେ.ଜି. | | | |
| ଅଣ୍ଡା | ୨,୪୦,୦୦୦ | ୧,୨୦,୦୦୦ | – |
| @ ଟ. ୩/ଗୋଟା | | | |
| ମାଂସ | ୧,୨୦,୦୦୦ | ୪୮,୦୦୦ | ୪,୫୦,୦୦୦ |
| @ ଟ. ୧୦୦ (କୁକୁଡ଼ା), ଟ. ୬୦ (ବତକ) ଓ ଟ. ୯୦ (ଘୁଷୁରି)/କେ.ଜି. | | | |
| ସର୍ବମୋଟ | ୬,୬୦,୦୦୦ | ୪,୬୮,୦୦୦ | ୭,୫୦,୦୦୦ |
| ନିଟ୍ ଲାଭ | ୨,୭୮,୦୦୦ | ୨,୩୪,୦୦୦ | ୨,୯୮,୦୦୦ |



# ବର୍ଷିକିଆ ମୁଣ୍ଡା ଜାଆଁଳ ଦ୍ୱାରା ପୌନଃପୁନିକ ଅମଳ ପଦ୍ଧତିରେ ମାଛ ଚାଷ

ପାରମ୍ପରିକ ମାଛ ଚାଷ ପ୍ରଣାଳୀରେ କେବଳ ବର୍ଷାଦିନେ ଜାଆଁଳ ଛାଡ଼ି ପ୍ରାୟ ୧୦-୧୧ ମାସ ପରେ ହାରାହାରି ଏକ କିଲୋ ଓଜନ ବିଶିଷ୍ଟ ମାଛ ମରାଯାଇଥାଏ । ମାତ୍ର ବର୍ଷିକିଆ ମୁଣ୍ଡା ଜାଆଁଳ (Stunted Yearling) ବର୍ଷର ଯେକୌଣସି ସମୟରେ ପୋଖରୀରେ ଛଡ଼ାଯାଇ ଅଢ଼େଇରୁ ତିନିମାସ ମଧ୍ୟରେ ମାଛ ମରାଯାଇଥାଏ ଓ ପୌନଃପୁନିକ ଅମଳ ଦ୍ୱାରା ବର୍ଷସାରା ମାଛ ପାଇବା ସଙ୍ଗେ ସଙ୍ଗେ ବର୍ଷକୁ ଏକର ପିଛା ୩୦ କ୍ୱିଣ୍ଟାଲ୍‌ରୁ ଅଧିକ ମାଛ ଅମଳ କରିହୁଏ ।



## ବର୍ଷିକିଆ ମୁଣ୍ଡା ଜାଆଁଳ ବ୍ୟବହାରର ଉପାଦେୟତା

ସାଧାରଣତଃ କାର୍ପ ମାଛ ମାନଙ୍କର ଶରୀରର ବୃଦ୍ଧିହାର ଦ୍ୱିତୀୟ ବର୍ଷରେ ସର୍ବାଧିକ ହୋଇଥାଏ । ତେଣୁ ମାଛ ଜାଆଁଳକୁ ଅଧିକ ସଂଖ୍ୟାରେ ଯଦି କମ୍ ସ୍ଥାନରେ ଆବଦ୍ଧ କରି ରଖିଦେବା ତା' ହେଲେ ଏହା ପ୍ରଥମ ବର୍ଷ ମଧ୍ୟରେ ମାତ୍ର ୫୦ରୁ ୧୦୦ଗ୍ରାମ୍ ଓଜନର ହୋଇଥାନ୍ତି । କାରଣ ଏମାନଙ୍କ ମଧ୍ୟରେ ସ୍ଥାନ ଓ ଖାଦ୍ୟ ପାଇଁ ସଦାସର୍ବଦା ପ୍ରତିଯୋଗିତା ଲାଗି ରହିଥାଏ ଏବଂ ମାଛ ମାନେ ଭଲ ବଢ଼ିପାରନ୍ତି ନାହିଁ । ଉଦାହରଣ ସ୍ୱରୂପ ଏକ ୧୦ ଡିସିମିଲି ଜଳାୟତନ ବିଶିଷ୍ଟ ପୋଖରୀରେ ଯଦି ୧୦୦୦୦-୧୨୦୦୦ ସଂଖ୍ୟାରେ ଇଞ୍ଚିକିଆ ଜାଆଁଳ (Fry) ରଖି ସୁଚାରୁ ରୂପେ ପରିଚାଳନା କରିବା ତାହେଲେ ଏଥିରୁ ବର୍ଷେ ପରେ ୫୦୦୦-୬୦୦୦ ସଂଖ୍ୟାରେ ବର୍ଷିକିଆ ମୁଣ୍ଡାଜାଆଁଳ ପାଇପାରିବା । ଏହି ମୁଣ୍ଡା ଜାଆଁଳ ଗୁଡ଼ିକୁ କମ୍ ସଂଖ୍ୟାରେ ମାଛଚାଷ ପୋଖରୀରେ ଛାଡ଼ିଲେ ଏହାକୁ ଦ୍ୱିତୀୟ ବର୍ଷ ବୟସରେ ଚାଷ କରାଯାଇଥିବା ହେତୁ ଅନୁକୂଳ ପରିବେଶ ଓ ଉପଯୁକ୍ତ ପରିଚାଳନାରେ ପାଳନ କରାଯାଇଥିବା ଯୋଗୁଁ ଏମାନଙ୍କର ବୃଦ୍ଧି ଭଲ ହୋଇଥାଏ ଓ ଅଢ଼େଇରୁ ତିନି ମାସ ମଧ୍ୟରେ

ମାଛ ମାନଙ୍କର ହାରାହାରି ଓଜନ ୭୦୦ ଗ୍ରାମ୍‌ରୁ ଏକ କିଲୋ ପର୍ଯ୍ୟନ୍ତ ହୋଇଥାଏ ।

## ବାରମ୍ବାର ଅମଳ ପଦ୍ଧତି ନିମନ୍ତେ ପୋଖରୀ ପରିଚାଳନା

ମେ ଓ ଜୁନ୍ ମାସରେ ପୋଖରୀ ପ୍ରସ୍ତୁତିକରଣ କାର୍ଯ୍ୟ ମିଶ୍ରିତ ମାଛ ଚାଷ ଅନୁରୂପ ଚୂନ ଓ ମୂଳସାର ପକାଯାଇ ସମ୍ପାଦିତ କରାଯାଏ । ଏହି ପଦ୍ଧତିରେ ବର୍ଷକ ମଧ୍ୟରେ ୩ଟି ଫସଲ କରାଯାଇ ପାରେ । ଯଥା-

ପ୍ରଥମ ଫସଲ - ଜୁଲାଇରୁ ସେପ୍ଟେମ୍ବର (୩ ମାସ)

ଦ୍ୱିତୀୟ ଫସଲ - ଅକ୍ଟୋବରରୁ ଜାନୁୟାରୀ (୪ ମାସ)

ତୃତୀୟ ଫସଲ - ଫେବୃୟାରୀରୁ ଏପ୍ରିଲ୍ (୩ ମାସ)

ଏହି ସମୟରେ ମାସିକ ଖତସାର ମିଶ୍ରିତ ମାଛ ଚାଷ ଅନୁରୂପ ପ୍ରୟୋଗ କରାଯାଇଥାଏ । ମାତ୍ର ଏହି ଚାଷ ପାଇଁ ଅନୁମୋଦିତ କଞ୍ଚା ଗୋବରରେ ସୁପର ସାର ମିଶାଇ ପକାଯାଏ ଏବଂ ଏହାର ୧୫ ଦିନ ପରେ ଯବକ୍ଷାରଜାନ ଜାତୀୟ ରାସାୟନିକ ସାର ପକାଯାଏ । ଏହାଛଡ଼ା ପାଣିରେ ଅଧିକ ପ୍ଲାଙ୍କଟନ୍ ସୃଷ୍ଟି କରିବା ପାଇଁ ଏକର ପିଛା ପୋଖରୀରେ ମାସକୁ ୧ ରୁ ୨ କ୍ୱିଣ୍ଟାଲ୍ କୁକୁଡ଼ା ଖତ ଏବଂ ୩ ମାସ ଭିତରେ ୪ ରୁ ୬ କେଜି ଅଣୁସାର ବା ମଲ୍‌ଟିପ୍ଲେକ୍ସ ପଣ୍ଡ୍ କଲ୍‌ଚର୍ ପ୍ରୟୋଗ କରାଯାଇଥାଏ । ପାଣିରେ ଅତ୍ୟଧିକ ନେଳି ସୃଷ୍ଟି ହେଲେ ସେହିମାସ ପାଇଁ ରାସାୟନିକ ସାର ଓ ଅଣୁସାର ପ୍ରୟୋଗକୁ ବନ୍ଦ ରଖି ଏକର ପିଛା ୫୦ ରୁ ୮୦ କେଜି ଚୂନ ବ୍ୟବହାର କରିବାକୁ ପଡ଼ିଥାଏ ।

## ଜାଆଁଳ ଛାଡ଼ିବା ଅନୁପାତ

ପୋଖରୀ ପ୍ରସ୍ତୁତ କରି ସାରିବା ପରେ ନିମ୍ନ ଲିଖିତ ସଂଖ୍ୟାରେ ମୁଣ୍ଡାଜାଆଁଳ ପୋଖରୀରେ ଛାଡ଼ିବା ଉଚିତ୍ । ଯଥା-

| | |
|---|---|
| ଭାକୁର | - ୨୦୦ |
| ରୋହୀ | - ୭୦୦ |
| ମିରିକାଳୀ | - ୨୦୦ |
| ବିଲାତିରୋହୀ | - ୧୦୦ |
| ସମୁଦାୟ | - ୧୨୦୦ |

ପୋଖରୀରେ ଉତ୍ପାଦନ ଅଧିକ ବୃଦ୍ଧି କରିବା ପାଇଁ ଶୀତଋତୁ ଫସଲରେ ରୋହୀ ଓ ମିରିକାଳୀର ସଂଖ୍ୟା କମାଇ ସେହି ସଂଖ୍ୟାର ଗ୍ରାସକାର୍ପ ଇୟରଲିଙ୍ଗ୍ ପୋଖରୀରେ ଛାଡ଼ିବା ଉଚିତ୍ ଏବଂ ପୋଖରୀ ହୁଡ଼ାରେ ବିଭିନ୍ନ ଜାତୀୟ କୋବି ଫସଲ କରି ସେଗୁଡ଼ିକର ପତ୍ର ଖାଇବା ପାଇଁ ଦେବା ଭଲ ।

## ଖାଦ୍ୟର ପ୍ରୟୋଗ

ବାରମ୍ବାର ଅମଳ ପଦ୍ଧତିରେ ନିମ୍ନଲିଖିତ ଅନୁପାତରେ ଖାଦ୍ୟ ଦେବାକୁ ପଡ଼ିଥାଏ ।

ଯଥା-

ପ୍ରଥମ ମାସ - ଦୈନିକ ୩ କେଜି ବାଦାମ ପିଡ଼ିଆ + ୬ କେଜି କାଣ୍ଡିଆକୁଣ୍ଡା

ଦ୍ୱିତୀୟ ମାସ - ଦୈନିକ ୪ କେଜି ବାଦାମ ପିଡ଼ିଆ + ୮ କେଜି କାଣ୍ଡିଆକୁଣ୍ଡା

ତୃତୀୟ ମାସ - ଦୈନିକ ୫ କେଜି ବାଦାମ ପିଡ଼ିଆ + ୧୦ କେଜି କାଣ୍ଡିଆକୁଣ୍ଡା

ଏହି ଖାଦ୍ୟ ପରିମାଣକୁ ତଳେ କଣାଥିବା ସାରବସ୍ତା ଗୁଡ଼ିକ ସାହାଯ୍ୟରେ ପାଣିରେ ଝୁଲାଇ ମାଛକୁ ଖାଇବାକୁ ଦିଆଯାଇଥାଏ । ଏହାସହିତ ଖାଦ୍ୟରେ ସ୍ନେହାମ୍ଳ ଓ ଖଣିଜସାର ମିଶାଇ ଦେବା ଉଚିତ୍ ।

## ବାୟୁ ସଞ୍ଚାଳନ ଉପାୟ

ଅଧିକ ଖାଦ୍ୟସାର ପ୍ରୟୋଗ ଫଳରେ ବେଳେ ବେଳେ ପାହାନ୍ତିଆ ସମୟରେ ପୋଖରୀ ଜଳରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ବହୁତ କମିଯାଏ । ଏହି ସମୟରେ ମାଛ ଗୁଡ଼ିକ ପାକୁ ପାକୁ ହୋଇ ପୋଖରୀ ଉପରେ ଆସି ଭାସି ବୁଲନ୍ତି । ଜଳରେ ଅମ୍ଳଜାନ ବଢ଼ାଇବା ପାଇଁ ଏକ ସହଜ ଉପାୟ ନିମ୍ନରେ ଦିଆଗଲା । ଯଥା- ତିନୋଟି ବାଉଁଶ ଝୁଡ଼ିକୁ ଖୁଣ୍ଟି ସାହାଯ୍ୟରେ ଉପରତଳ କରି ପାଣି ଉପରେ ବାନ୍ଧି ତିନି ଥାକ କରିରଖି ଏହା ଉପରେ ଏକ ପମ୍ପ୍ ସାହାଯ୍ୟରେ ପୋଖରୀରୁ ପାଣି ଉଠାଇ ପକାଇବା ଉଚିତ୍ । ପାଣିଗୁଡ଼ିକ ଛୋଟ ଛୋଟ ବିନ୍ଦୁ ହୋଇ ପଡ଼ିବା ଦ୍ୱାରା ପାଣିରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ବଢ଼ିଥାଏ ।

## ପୋଖରୀର ରକ୍ଷଣାବେକ୍ଷଣ

ପ୍ରତ୍ୟେକ ଫସଲ ପରେ ପୋଖରୀରୁ ୧୦ ରୁ ୧୫ ଭାଗ ପାଣି ନିଷ୍କାସିତ କରି ନୂଆ ପାଣି ଭର୍ତ୍ତି କରିଦେବା ଉଚିତ୍ । ଏହି ପାଣି ନିଷ୍କାସନ ଓ ଭର୍ତ୍ତି କରିବା ସମୟରେ ସରୁ ଜାଲି କନା ୧୦୦ Mesh ଆକାରର ବ୍ୟବହାର କରିବା ବିଧେୟ । ଅକ୍ଟୋବର ଓ ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ମିଶ୍ରିତ ମାଛ ଚାଷ ଭଳି ଚୂନ ପକାଯାଇଥାଏ । ଏହାଛଡ଼ା ପ୍ରତ୍ୟେକ ଫସଲର ଦ୍ୱିତୀୟ ମାସରେ ଏକର ପିଛା ସିଫାକ୍ସ ୪୦୦ ମିଲିକୁ ୫୦ଲିଟର୍ ପାଣିରେ ମିଶାଇ ପ୍ଲାଷ୍ଟିକ୍ ବାଲ୍‌ଟି ସାହାଯ୍ୟରେ ପୋଖରୀରେ ପକାଇବା ଉଚିତ୍ ।

## ଏକର ପିଛା ବାର୍ଷିକ ଉତ୍ପାଦନ


| | | |
|---|---|---|
| (କ) | ପୋଖରୀର ଲିଜ୍ ମୂଲ୍ୟ | = ଟ. ୧୦,୦୦୦.୦୦ |
| (ଖ) | ବର୍ଷିକିଆ ମୁଣ୍ଡାଜାଆଁଳ | = ଟ. ୭,୨୦୦.୦୦ |
| (ଗ) | ଖତ ଓ ସାର | = ଟ. ୨୦,୦୦୦.୦୦ |
| (ଘ) | ଖାଦ୍ୟ | = ଟ. ୫୦,୦୦୦.୦୦ |
| (ଙ) | ପାଣି ପମ୍ପ୍ ଭଡ଼ା ଓ ଡିଜେଲ୍ | = ଟ. ୨୦,୦୦୦.୦୦ |
| (ଚ) | ମଜୁରୀ ବାବଦରେ | = ଟ. ୧୦,୦୦୦.୦୦ |
| (ଛ) | ଅନ୍ୟାନ୍ୟ | = ଟ. ୧୦,୦୦୦.୦୦ |
| | ମୋଟ୍ | = ଟ. ୧,୨୭,୨୦୦.୦୦ |

ଆୟ = ୨୫୦୦ କେଜି ମାଛ (୧ କେଜି ମାଛ ପ୍ରତି ଟ. ୧୦୦/- ଦରରେ) = ଟ. ୨,୫୦,୦୦୦.୦୦

ଲାଭ = ଟ. ୨,୫୦,୦୦୦ - ଟ. ୧,୨୭,୨୦୦ = ଟ. ୧,୨୨,୮୦୦/-



# ରଙ୍ଗୀନ ମାଛ ଚାଷ



ଆମ ଦେଶରେ ବୃଦ୍ଧି ପାଉଥିବା ବେକାରୀ ସମସ୍ୟାକୁ କିଛି ପରିମାଣରେ ଲାଘବ କରିବା ପାଇଁ ରଙ୍ଗୀନ ମାଛ ଚାଷ ଏକ ନୂତନ ଦିଗନ୍ତ । ଯଦି ଆମ ଦେଶର ବେକାର ଯୁବକ/ଯୁବତୀ ମାନେ ଏହି ରଙ୍ଗୀନ ମାଛ ଚାଷ ବିଷୟରେ ଜ୍ଞାନ କୌଶଳ ଆହରଣ କରନ୍ତି, ତେବେ ସେମାନେ ନିଶ୍ଚୟ ସ୍ୱାବଲମ୍ବୀ ହୋଇପାରିବେ । ଗ୍ରାମାଞ୍ଚଳର ମହିଳା ମାନେ ନିଜ ପରିବାରର ଦେଖାରଖା କରିବା ସହିତ ନିଜ ନିଜର ଅଗଣା ବା ବାଡ଼ି ବଗିଚାରେ ଛୋଟ ଛୋଟ ସିମେଣ୍ଟ୍ କୁଣ୍ଡ ପ୍ରସ୍ତୁତ କରି ମଧ୍ୟ ଏହି ଚାଷ କରିପାରିବେ ।

## ରଙ୍ଗୀନ ମାଛ କହିଲେ କଣ ?

ସାଧାରଣତଃ ରଙ୍ଗ ବେରଙ୍ଗୀ ମାଛ ମାନଙ୍କୁ ରଙ୍ଗୀନ ମାଛ କୁହାଯାଏ । ଶରୀରର ରଙ୍ଗ ଛଡ଼ା ମାଛମାନଙ୍କର ଡେଣା କିମ୍ବା ଲାଞ୍ଜ ଯଦି ରଙ୍ଗବେରଙ୍ଗୀ ହୋଇଥାଏ କିମ୍ବା ମାଛର ପ୍ରଜାତି ଅନୁସାରେ ଯଦି ଶରୀର କିମ୍ଭୁତ କିମ୍ଭାକାର ହୋଇଥାଏ ତେବେ ଏହାକୁ ମଧ୍ୟ ରଙ୍ଗୀନ ମାଛ ବୋଲି କୁହାଯାଏ ।

## ଓଡ଼ିଶାରେ ରଙ୍ଗୀନ ମାଛ ଚାଷର ଆବଶ୍ୟକତା


ଆମ ରାଜ୍ୟରେ ରଙ୍ଗୀନ ମାଛ ମାନଙ୍କର ଚାହିଦା ଅଧିକ ଥିବାରୁ ଚେନ୍ନାଇ, ମୁମ୍ବାଇ ଓ ଅନ୍ୟସ୍ଥାନ ମାନଙ୍କରୁ ଏହି ପ୍ରକାର ମାଛ ରେଳ ବା ବିମାନ ଯୋଗେ ଓଡ଼ିଶା ଆସି ବିକ୍ରି କରାଯାଉଛି । ବିଗତ ୫ ବର୍ଷ ଭିତରେ ଓଡ଼ିଶାରେ ରଙ୍ଗୀନ ମାଛର ବ୍ୟବସାୟ ଓ ଚାହିଦା ଦୁଇଗୁଣ ହୋଇଯାଇଛି । ଏକ ପାର୍ଶ୍ୱରେ ରଙ୍ଗୀନ ମାଛର ଚାହିଦା ଓ ଅପରପାର୍ଶ୍ୱରେ ଏହାର ଉତ୍ପାଦନର ସ୍ୱଳ୍ପତା ଆମ ସମସ୍ତଙ୍କୁ ଉତ୍ସାହିତ କରୁଛି ଏ ବ୍ୟବସାୟକୁ ଆପଣେଇବା ପାଇଁ । ବିଭିନ୍ନ ସଂସ୍ଥାର ସର୍ବେକ୍ଷଣ ଅନୁଯାୟୀ ଭାରତରେ ପ୍ରାୟ ୧୫-୨୦ କୋଟି ଟଙ୍କାର ରଙ୍ଗୀନ ମାଛ ବ୍ୟବସାୟ ହେଉଥିବା ବେଳେ ଓଡ଼ିଶାରେ ଏହି ମାଛର ବ୍ୟବସାୟ ପ୍ରାୟ ବର୍ଷକୁ ଏକ କୋଟି ଟଙ୍କାଯାଏ ବୋଲି ଅନୁମାନ କରାଯାଏ ।

## ରଙ୍ଗୀନ ମାଛର ଉପଯୋଗୀତା

ରଙ୍ଗୀନ ମାଛ ମାନେ ଦେଖିବାକୁ ଏତେ ସୁନ୍ଦର ଯେ, ଆକ୍ୱାରିୟମ୍ ଭିତରେ ଏମାନଙ୍କୁ ଦେଖୁଥିବା ବ୍ୟକ୍ତି ଖୁବ୍ ଆନନ୍ଦ ପାଇବା ସଙ୍ଗେ ସଙ୍ଗେ ବୈଠକ ଘରର ଶୋଭା ଦ୍ୱିଗୁଣିତ ହୋଇଥାଏ । ଘର ଭିତରେ ସୁନ୍ଦର ମାଛ ମାନଙ୍କର ଉପସ୍ଥିତି ଓ ଏମାନଙ୍କର ସଦା ଆନନ୍ଦ ସନ୍ତରଣ ଗୃହ ପରିବେଶକୁ ଖୁବ୍ ଜୀବନ୍ତ କରିଦିଏ । ଗୃହର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଏହା ମଧ୍ୟ କେତେକ ମାନସିକ ରୋଗୀମାନଙ୍କର ରୋଗ ଉପଶମରେ ସହାୟକ ହୋଇଥାଏ ବୋଲି ମନସ୍ତତ୍ତ୍ୱବିଦ୍ ମାନେ କହିଥାନ୍ତି । କେତେକ ନିର୍ଦ୍ଦିଷ୍ଟ ରଙ୍ଗର ରଙ୍ଗୀନ ମାଛ ନିଜ ଘରେ ରଖି ଲାଳନପାଳନ କଲେ ପରିବାରର ସଦସ୍ୟମାନଙ୍କର ଉନ୍ନତି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରବିତ୍‌ମାନେ ମତ ଦେଇଛନ୍ତି ।

## ରଙ୍ଗୀନ ମାଛର ପ୍ରକାର ଭେଦ ଓ ପ୍ରଜନନ

ରଙ୍ଗୀନ ମାଛ ମାନଙ୍କୁ ସାଧାରଣତଃ ୨ ଭାଗରେ ବିଭକ୍ତ କରାଯାଇଛି । ଏମାନଙ୍କ ମଧ୍ୟରେ କେତେକ ସିଧାସଳଖ ଛୁଆ ଜନ୍ମ କରୁଥିବା ବେଳେ ଅନ୍ୟ କେତେକ ଅଣ୍ଡା ଦେଇଥାନ୍ତି । ଛୁଆ ଦେଉଥିବା ରଙ୍ଗୀନ ମାଛ ମାନଙ୍କ ପ୍ରଜନନ ସହଜ କିନ୍ତୁ ଏମାନେ ଛୁଆ ଦେଇ ସାରିବା ପରେ ଛୁଆମାନଙ୍କୁ ଖାଇ ଯାଆନ୍ତି । ତେଣୁ ଛୁଆ ମାନଙ୍କୁ ମା ଠାରୁ ଅଲଗା କରି ରଖି ପାରିଲେ ଏ ଚାଷରେ ଅଧିକ ଲାଭ ମିଳିପାରେ । ଏହି ଛୁଆ ଦେଉଥିବା ରଙ୍ଗୀନ ମାଛ ମାନଙ୍କୁ ଲାଇଭ୍ ବିୟରର୍ ବୋଲି କୁହାଯାଏ । ଏମାନଙ୍କ ମଧ୍ୟରେ ଅଧିକ ପ୍ରଜନନ କରିପାରୁଥିବା ମାଛ ହେଲା ଗପି । ଏମାନଙ୍କ ଦେହର ରଙ୍ଗ ଓ ଲାଞ୍ଜର ଆକୃତି ଅନୁସାରେ ଏମାନଙ୍କୁ ଅନେକ ନାମରେ ନାମିତ କରାଯାଇଛି । ଯଥା- ଭେଲ୍‌ଟେଲ୍, ପିନ୍‌ଟେଲ୍, ଫାନ୍‌ଟେଲ୍ ଓ ସ୍ୱିହର୍‌ଟେଲ୍ ଇତ୍ୟାଦି । ଆଉ ଏକ ଛୁଆ ଦେଇପାରୁଥିବା ମାଛ ହେଲା ବ୍ଲାକ୍‌ମୋଲି । ଦେଖିବାକୁ ପିଚୁ ପରି କଳାରଙ୍ଗର କିନ୍ତୁ ଖୁବ୍ ସୁନ୍ଦର । ଏମାନଙ୍କ ମଧ୍ୟରେ ଚକୋଲେଟ୍ ମୋଲି, ଧଳାମୋଲି, ଅରେଞ୍ଜ୍ ମୋଲି, ସେଲ୍‌ଫିନ୍ ମୋଲି, ବେଲୁନ୍ ମୋଲି ଓ ମୁନ୍‌ଟେଲ୍ ମୋଲି ଅନ୍ୟତମ । ଲାଞ୍ଜରେ ଖଣ୍ଡା ସଦୃଶ ବଢ଼ିଥିବା ପକ୍ଷ ଅଣ୍ଡିରା ସୋର୍ଡଟେଲ୍‌ରେ ଦେଖାଯାଏ । ଅନେକ ପ୍ରକାର ଅନେକ ରଙ୍ଗର ସୋର୍ଡଟେଲ୍ ଯଥା- ମାର୍ବଲ୍, ଟକ୍ସିଡୋ ଓ ପାଇନାପଲ୍ ଅନ୍ୟତମ । ପ୍ଲାଟି ମାଛଟି ଛୋଟ ହେଲେ ମଧ୍ୟ ଦେଖିବାକୁ











ଖୁବ୍ ସୁନ୍ଦର । ପ୍ଲାଟିମାନଙ୍କ ମଧ୍ୟରେ ପିନ୍‌ଟେଲ୍, ରାଉଣ୍ଡ୍ ଟେଲ୍, ଭେଲ୍‌ଟେଲ୍ ଓ ଫ୍ରିଞ୍ଜ୍‌ଟେଲ୍ ଅନ୍ୟତମ ।

ଅଣ୍ଡା ଦେଉଥିବା ମାଛମାନଙ୍କର ପ୍ରଜନନ ମଧ୍ୟ ଭିନ୍ନ ଭିନ୍ନ । ତେବେ ଅଣ୍ଡା ଦେଇସାରିବା ପରେ ଏମାନେ ମଧ୍ୟ ତାଙ୍କ ଅଣ୍ଡା କିମ୍ୱା ଅଣ୍ଡାରୁ ଫୁଟିଥିବା ଛୁଆମାନଙ୍କୁ ଖାଇଯାନ୍ତି । ତେଣୁ ପ୍ରଜନନ ପରେ ମାଛ ମାନଙ୍କୁ ଉତ୍ତମ ପୃଷ୍ଟିକର ଖାଦ୍ୟ ଯୋଗାଇବା ନିହାତି ଜରୁରୀ । ଅଣ୍ଡା ଦେବା ମାଛମାନଙ୍କ ମଧ୍ୟରେ ଗୋଲଡ୍‌ଫିସ୍, ରଙ୍ଗୀନ କାର୍ପ (କୋଇ), ଡାନିଓ, ରାସ୍‌ବୋରା, ବାର୍ବ, ଟେଟ୍ରା, ଗୌରାମୀ, କ୍ୟାଟ୍‌ଫିସ୍ ଓ ଫାଇଟର୍ ଇତ୍ୟାଦି ଅନ୍ୟତମ । ଏମାନଙ୍କ ମଧ୍ୟରେ ଟେଲିସ୍କୋପିକ୍ ଆଇ, କାଲିକୋଗୋଲ୍‌ଡ଼, ସୁଭୁନ୍‌କିନ୍, ରେଡ୍‌କ୍ୟାପ୍, ବ୍ରିଷ୍ଟଲରେଡ୍, ପଲିସ୍କେଲ୍, ଭେଲ୍‌ଟେଲ୍ ଓ ଲାୟନ୍‌ହେଡ୍ ଇତ୍ୟାଦି ଅନ୍ୟତମ । ଏମାନଙ୍କ ପ୍ରଜନନ ଖୁବ୍ ସହଜ । ପୁରୁଷ ଓ ମାଇ ମାଛ ପ୍ରଜନନ କ୍ଷମ ହେଲେ ଏମାନଙ୍କୁ ନେଇ କୁଣ୍ଡରେ ହାଇଡ୍ରିଲା କିମ୍ୱା ପ୍ଲାଷ୍ଟିକ୍ ଫିଲାମେଣ୍ଟ୍ ଓ ତନ୍ତୁ ଦେଇ ପ୍ରଜନନ କରାଯାଇପାରେ । ଅଣ୍ଡା ଗୁଡ଼ିକ ଅଠାଳିଆ ହୋଇଥିବା ହେତୁ ତନ୍ତୁ ଗୁଡ଼ିକରେ ଲାଗି ରହିଥାଏ ଓ ପରେ ଏହାକୁ ଅଲଗା କରାଯାଇ ଅନ୍ୟ ଏକ କୁଣ୍ଡରେ ଛୁଆମାନଙ୍କୁ ସଂଗ୍ରହ କରାଯାଇଥାଏ । ଛୁଆଗୁଡ଼ିକ ୩ ଦିନ ପରେ ଖାଦ୍ୟ ଖାଇବାକୁ ସକ୍ଷମ ହୋଇଥାନ୍ତି । ଏମାନଙ୍କୁ ରୋଟିଫର୍ ଜାତୀୟ କ୍ଷୁଦ୍ର ପ୍ଲବକ କିମ୍ୱା ପାଉଡ଼ର୍ ଖାଦ୍ୟ ଦିଆଯାଇଥାଏ ।

## ରଙ୍ଗୀନ ମାଛମାନଙ୍କର ଖାଦ୍ୟ

୧. ପ୍ରଥମତଃ ରଙ୍ଗୀନ ମାଛ ଚାଷ କରିବା ପୂର୍ବରୁ ମାଛ ମାନଙ୍କର ଖାଦ୍ୟ ବିଷୟରେ ଜାଣିବା ଦରକାର । ମାଛମାନେ ପରିବେଶରେ ବିଭିନ୍ନ ପ୍ରକାରର ପ୍ରାକୃତିକ ଖାଦ୍ୟ ଖାଇବଞ୍ଚନ୍ତି । ଅନେକ ପ୍ରକାର ଜୀବନ୍ତ କୀଟମାନଙ୍କ ମଧ୍ୟରେ ନାଳ ନର୍ଦ୍ଦମାରେ ଜନ୍ମ ହେଉଥିବା ବ୍ଲଡ୍‌ୱାର୍ମ, ଟ୍ୟୁବିଫେକ୍ସ ଓ ମଶାଲାର୍ଭା ଇତ୍ୟାଦି ଅନ୍ୟତମ । ଏମାନଙ୍କୁ ପରିବେଶରୁ ସଂଗ୍ରହ କରି ଜୀବାଣୁ ମୁକ୍ତ କରିବା ପରେ ମାଛ ମାନଙ୍କୁ ଖାଇବାକୁ ଦିଆଯାଇ ପାରିଲେ ମାଛମାନେ ଖୁବ୍ ହୃଷ୍ଟପୃଷ୍ଟ ହେବା ସଙ୍ଗେ ସଙ୍ଗେ ଶୀଘ୍ର ପ୍ରଜନନ କ୍ଷମ ହୋଇଥାନ୍ତି । ଯେଉଁଠାରେ ଉପରୋକ୍ତ କୀଟମାନଙ୍କର ମିଳିବାରେ ଅସୁବିଧା ହୁଏ ସେଠାରେ ଏକ ନର୍ସରୀ ପୋଖରୀ କରାଯାଇ ଜୁପ୍ଲାଙ୍କଟନ୍ (ଡାଫନିଆ, ମଇନା) ଚାଷ କରି ଓ ପରେ ସେମାନଙ୍କୁ ପ୍ଲାଙ୍କଟନ୍ ଜାଲ୍ ଦ୍ୱାରା ପାଣିରୁ ଛାଣି ମାଛମାନଙ୍କୁ ଖାଇବାକୁ ଦେଇପାରିଲେ ମାଛମାନଙ୍କର ରଙ୍ଗ ଖୁବ୍ ଭଲ ହୋଇଥାଏ ।

୨. ଏହାଛଡ଼ା ଜିଆମାନଙ୍କୁ ମଧ୍ୟ ଛୋଟ ଛୋଟ କରି କାଟି ଲୁଣ ପାଣିରେ ଧୋଇ ଭଲ କରି ସଫାକରି ଦିଆଯାଇପାରେ ।

୩. ନୂଆ କରି ଅଣ୍ଡାରୁ ଫୁଟିଥିବା ଛୁଆମାନଙ୍କୁ ରୋଟିଫର୍ ଜାତୀୟ ପ୍ଲାଙ୍କଟନ୍, ଏକକୋଷୀ ପ୍ରାଣୀ (ଇନ୍‌ଫ୍ୟୁସୁରିଆ) ମଧ୍ୟ ଚାଷ କରାଯାଇ ଖାଇବାକୁ ଦିଆଯାଇପାରେ ।

୪. ଏହାଛଡ଼ା ଖୁବ୍ ପୁଷ୍ଟିକର ପାଉଡ଼ର୍ ଖାଦ୍ୟ ମଧ୍ୟ ପ୍ରସ୍ତୁତ କରାଯାଇ ଦିଆଯାଇପାରେ । ଛୁଆମାନେ ସାମାନ୍ୟ ବଡ଼ହେଲେ ଏମାନଙ୍କୁ ବଡ଼ ଜୁପ୍ଲାଙ୍କଟନ୍ (ଡାଫନିଆ, ମଇନା) ଇତ୍ୟାଦି ଓ ପରେ ଏମାନଙ୍କୁ କୃତ୍ରିମ ଖାଦ୍ୟ ପ୍ରସ୍ତୁତ କରିଦିଆଯାଇପାରେ ।

୫. ଏତଦ୍‌ବ୍ୟତୀତ ଆମ ଆଖପାଖରେ ମିଳୁଥିବା ବାଦାମ ପିଡ଼ିଆ, କାଣ୍ଡିଆକୁଣ୍ଡା, ସରୁ ଚୋକଡ଼, ଶୁଖୁଆ, ଧାନି, ଚିଙ୍ଗୁଡ଼ି ଇତ୍ୟାଦିକୁ ଆଣି ଗୁଣ୍ଡ କରି ସନ୍ତୁଳିତ ଆହାର (ପ୍ୟାଲେଟ୍ ଖାଦ୍ୟ) ପ୍ରସ୍ତୁତ କରାଯାଇପାରେ ।

## ରଙ୍ଗୀନ ମାଛ ମାନଙ୍କ ଠାରେ ଦେଖାଯାଉଥିବା ରୋଗର ନିୟନ୍ତ୍ରଣ

୧. ଅନ୍ୟ ମାଛମାନଙ୍କ ପରି ରଙ୍ଗୀନ ମାଛ ମାନଙ୍କୁ ମଧ୍ୟ ରୋଗ ହୋଇଥାଏ । ଅନ୍ୟ ମାଛମାନଙ୍କ ଠାରୁ ଏମାନେ ଖୁବ୍ କୋମଳ ଓ ଏମାନଙ୍କର ବଢ଼ିବା ପରିବେଶ ଦୂଷିତ ହେଲେ ଏମାନଙ୍କୁ ଅନେକ ପ୍ରକାର ରୋଗ ହୋଇଥାଏ । ଯଥା: ଖାଦ୍ୟ ଅଭାବ ସମ୍ବନ୍ଧୀୟ, କୃମି ଜାତୀୟ ଫଙ୍ଗାଲ୍ (ଫିମ୍ପି ଜାତୀୟ), ବାକ୍ଟେରିଆଲ୍ ଓ ଭାଇରାଲ୍ ଇତ୍ୟାଦି ।



Cotton Wool Disease

୨. ଏହାଛଡ଼ା ଜଳର ଉତ୍ତାପ କିମ୍ବା ଜଳର ଯେକୌଣସି ଗୁଣାତ୍ମକ ମୂଲ୍ୟ ହଠାତ୍ ବଦଳିଗଲେ ମାଛମାନଙ୍କୁ ପୀଡ଼ା (Stress) ହୋଇଥାଏ ଓ ପରେ ମାଛମାନଙ୍କୁ ବିଭିନ୍ନ ପ୍ରକାରର ରୋଗ ହୋଇଥାଏ ।



Lerniosis Disease

୩. ନୂଆକରି ଅନ୍ୟସ୍ଥାନରୁ ମାଛ ଆଣିଲେ ସେହି ଜଳରେ ଓ ମାଛମାନଙ୍କ ଦେହରେ ମଧ୍ୟ ରୋଗ ଜୀବାଣୁ ଥିବାର ସମ୍ଭାବନା ଥାଏ । ତେଣୁ ସେମାନଙ୍କୁ ଆଣି ପୋଟାସିୟମ୍ ପରମାଙ୍ଗାନେଟ୍ ଦ୍ରବଣରେ (୧୦ ମି.ଗ୍ରା/ଲିଟର) ୫-୧୦ ମିନିଟ୍ ବିଶୋଧନ କରିବା ପରେ ଅଲଗା ଏକ କୁଣ୍ଡରେ

୧୫ ଦିନ ପାଇଁ ଛଡ଼ାଯାଏ । ପରେ ଏମାନଙ୍କୁ ଚାଷ ପାଇଁ ବ୍ୟବହାର କରାଯାଇଥାଏ ।

୪. ରୋଗ ହୋଇଥିବା ମାଛ ମାନଙ୍କୁ ଅନ୍ୟ ଭଲ ମାଛ ମାନଙ୍କ କୁଣ୍ଡରୁ କାଢ଼ି ଦେବା ଉଚିତ୍ ଓ ସେଥିରେ ଥିବା ଅନ୍ୟ ମାଛମାନଙ୍କୁ ମଧ୍ୟ ପୋଟାସିୟମ୍ ପରମାଙ୍ଗାନେଟ୍ (୫-୧୦ ମିଗ୍ରା/ଲିଟର୍) ୫-୧୦ ମିନିଟ୍ ବା ଲୁଣ ଦ୍ରବଣ (୫ ଗ୍ରା./ଲିଟର୍) ହିସାବରେ ୫-୧୦ ମିନିଟ୍ ପାଇଁ ଜଳରେ ମାଛମାନଙ୍କୁ ବୁଡ଼େଇ ପୁଣି ଅନ୍ୟତ୍ର କୁଣ୍ଡରେ ଭଲ ଜଳରେ ରଖାଯାଇଥାଏ ।



Dropsy

୫. ବେଳେ ବେଳେ ମାଛମାନଙ୍କୁ ଡ୍ରପସି ରୋଗ ମଧ୍ୟ ହୋଇଥାଏ । ଫଳରେ ମାଛର ଦେହ ଫୁଲିଯାଏ, କାତି ସବୁ ଠିଆ ହୋଇଯାଏ ଓ ଶରୀରର ପ୍ରତ୍ୟେକ ଅଂଶରେ ଜଳ ଭରିଯାଏ । ଏଭଳି ମାଛମାନଙ୍କୁ ନିଜକୁଣ୍ଡରୁ ତୁରନ୍ତ କାଢ଼ି ମାଟିରେ ପୋତି ଦେବା ଉଚିତ୍ ।


ପ୍ରତ୍ୟେକ ରଙ୍ଗୀନ ମାଛ ୟୁନିଟ୍ ପାଇଁ ବାୟୋଫିଲ୍ଟର୍‌ଟିଏ ପ୍ରସ୍ତୁତ କରିବା ଦ୍ୱାରା ମାଛ ମାନେ ଉନ୍ନତ ମାନରେ ଜଳରେ ବଢ଼ିବାର ସୁଯୋଗ ପାଆନ୍ତି ଓ ରୋଗ ଦାଉରୁ ରକ୍ଷା ପାଇପାରନ୍ତି ।

## ଆୟ ବ୍ୟୟର ଅଟକଳ


ଅନ୍ୟାନ୍ୟ ମାଛ ବା ଚିଙ୍ଗୁଡ଼ି ଚାଷ ପାଇଁ ଯେତେ ଅଧିକା ପୋଖରୀ ବା ସ୍ଥାନର ଆବଶ୍ୟକ ପଡ଼େ ରଙ୍ଗୀନ ମାଛ ଚାଷ ପାଇଁ ତାହା ଦରକାର ହୁଏ ନାହିଁ । ନିଜ ଅଗଣାରେ କିମ୍ବା ସାମାନ୍ୟ ଛାଇଥିବା ବାଡ଼ି ବଗିଚାରେ ଅତି କମ୍‌ରେ୪୦୦-୧୦୦୦ ବର୍ଗଫୁଟ୍ ସ୍ଥାନ ମଧ୍ୟରେ ଛୋଟ ଛୋଟ ସିମେଣ୍ଟ କୁଣ୍ଡ କରି ଏମାନଙ୍କର ପ୍ରଜନନ ଓ ଚାଷ କରାଯାଇପାରିବ । ଏଥିପାଇଁ ମଧ୍ୟ ଅଧିକା ଅର୍ଥ ବ୍ୟୟ କରିବାକୁ ପଡ଼ିନଥାଏ । ଅତିକମ୍‌ରେ ୨୦୦୦୦-୧୦୦୦୦୦ ଟଙ୍କା ପର୍ଯ୍ୟନ୍ତ ଏହି ଚାଷ ପାଇଁ ଖର୍ଚ୍ଚ କରିପାରିଲେ ଏବଂ ବ୍ୟବସାୟିକ ଭିତ୍ତିରେ ବୈଜ୍ଞାନିକ ଚାଷ ପ୍ରଣାଳୀ ଅନୁସରଣ କଲେ ଜଣେ ଚାଷୀ ମାସିକ ୫୦୦୦-୧୦୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇପାରିବେ ।



# ମଧୁର ଜଳରେ ଚିଙ୍ଗୁଡ଼ି ଚାଷ



ଚାଷ ଉପଯୋଗୀ ମଧୁର ଚିଙ୍ଗୁଡ଼ି ମଧ୍ୟରେ ମାକ୍ରୋବ୍ରାକିୟମ୍ ରୋଜେନ୍‌ବର୍ଗୀ *(Macrobrachium rosenbergii)* ଓ ମାକ୍ରୋବ୍ରାକିୟମ୍ ମାଲ୍‌କମ୍‌ସୋନି *(Macrobrachium malcolmsonii)* ଅନ୍ୟତମ । ଏଗୁଡ଼ିକୁ ଭୋଦେଇ ଚିଙ୍ଗୁଡ଼ି ମଧ୍ୟ କୁହାଯାଏ । ୫-୬ ମାସ ଭିତରେ ଏହି ଚିଙ୍ଗୁଡ଼ି ଗୁଡ଼ିକ ବଢ଼ି ବିକ୍ରି ଯୋଗ୍ୟ ହୋଇଥାନ୍ତି । ଏହି ଚାଷ



୫-୧୫ ପିପିଟି ଲବଣାଂଶ ଥିବା ବା ବାଗଦା ଚିଙ୍ଗୁଡ଼ି ଚାଷ ପାଇଁ ଉଦ୍ଦିଷ୍ଟ ପୋଖରୀ ଗୁଡ଼ିକରେ ମଧୁର ଜଳ ପୂରାଇ ଚାଷ କରାଯାଇପାରିବ । ମଧୁର ଜଳ ଚିଙ୍ଗୁଡ଼ି ରପ୍ତାନୀ ଯୋଗ୍ୟ ହୋଇଥିବାରୁ ଏହା ମଳ ଜୀବାଣୁ (Ecoli) ଓ ଖାଦ୍ୟରେ ବିଷ ସୃଷ୍ଟି କରୁଥିବା ଜୀବାଣୁ (Salmonella) ରହିତ ହେବା ଆବଶ୍ୟକ । ତେଣୁ ଏହି ଚାଷରେ ଜୈବିକ ସାର ଆକାରରେ କଞ୍ଚା ଗୋବର ଆଦି ବ୍ୟବହାର କରିବା ଅନୁଚିତ ଓ ଚାଷ ପୂର୍ବରୁ ପାଣିରେ ବ୍ଲିଚିଂ ପାଉଡ଼ର୍ ପ୍ରୟୋଗ କରାଯିବା ବିଧେୟ ।

## ଚିଙ୍ଗୁଡ଼ି ଜାଆଁଳ କେଉଁଠୁ ପାଇବା ?

ନଦୀ, ନାଳ, କେନାଲ ଓ ଖାଲୁଆ ସ୍ଥାନମାନଙ୍କରେ ଚିଙ୍ଗୁଡ଼ି ଜାଆଁଳ ମିଳିଥାଏ । ସାଧାରଣତଃ ଉପଯୁକ୍ତ ଜାଲ ସାହାଯ୍ୟରେ ପାଣିକୁ ଛାଣି ଏହି ଜାଆଁଳ ସଂଗ୍ରହ କରାଯାଇଥାଏ । କିନ୍ତୁ ନଦୀ ମୁହାଣରୁ ଧରାଯାଉଥିବା ଜାଆଁଳ ବିଶୁଦ୍ଧ ନୁହେଁ । ବେଳେ ବେଳେ ଏଥିରେ ବିଭିନ୍ନ ପ୍ରଜାତିର ଚିଙ୍ଗୁଡ଼ି ଜାଆଁଳ ମିଶି ରହିଥାନ୍ତି । ଏହି ଜାଆଁଳ ମାନେ ପୋଖରୀରେ ଅସମାନ ଭାବେ ବଢ଼ନ୍ତି । ବଡ଼ ଜାଆଁଳ ଛୋଟକୁ ଖୋଳପା ଛାଡ଼ିବା ସମୟରେ ଖାଇଯାନ୍ତି । ଅମଳ କମିବା ସାଙ୍ଗକୁ ଲାଭ ମଧ୍ୟ କମିଯାଏ । ଏଣୁ କୌଣସି ଏକ ନିର୍ଭର ଯୋଗ୍ୟ ହ୍ୟାଚେରୀରୁ ପିଏଲ୍ (Post-Larvae) ଆକାରର ଜାଆଁଳ ଆଣି ନର୍ସରୀ ପୋଖରୀରେ ଏକ ମାସ ରଖି ତାପରେ ଚାଷ ପୋଖରୀରେ ଛାଡ଼ିବା ଉଚିତ । ଏକ ଏକର ଚିଙ୍ଗୁଡ଼ି ଚାଷ ପୋଖରୀ ନିମନ୍ତେ ୨୦ ଡେସିମିଲ୍ ବିଶିଷ୍ଟ ଏକ ନର୍ସରୀ ପୋଖରୀ ରହିବା ଆବଶ୍ୟକ । ଏହି ନର୍ସରୀରେ ୫୦୦୦୦-୬୦୦୦୦ ପର୍ଯ୍ୟନ୍ତ ପୋଷ୍ଟ ଲାର୍ଭା ରଖି ଉପଯୁକ୍ତ ପରିଚାଳନା

କରି ମାସେ ପରେ ୨୫୦୦୦-୩୦୦୦୦ ପର୍ଯ୍ୟନ୍ତ ଶିଶୁ ଚିଙ୍ଗୁଡ଼ି (୩-୪ ସେ.ମି.) ଉତ୍ପାଦନ କରିହେବ ।

## ଚିଙ୍ଗୁଡ଼ି ଜାଆଁଳ ପରିବହନ ବିଧି

ଚିଙ୍ଗୁଡ଼ି ଜାଆଁଳକୁ ନିକଟବର୍ତ୍ତୀ ସ୍ଥାନକୁ ଖୋଲା ବାଲ୍‌ଟି ବା ମାଠିଆ ଦ୍ୱାରା ୧ ଲିଟର ପାଣିରେ ୭୦-୭୫ ଟି ଜାଆଁଳ ନିଆଯାଇପାରେ । ସମୟ ମୁତାବକ ମାଠିଆ ପାଣିକୁ ଧୀରେ ଧୀରେ ବଦଳାଇ ଚିଙ୍ଗୁଡ଼ି ଜାଆଁଳ ଗୁଡ଼ିକୁ ଅଧିକ ଦୂରକୁ ମଧ୍ୟ ନିଆଯାଇପାରେ । ପରିବହନ ସମୟ ୧୨-୨୪ ଘଣ୍ଟାରୁ ଅଧିକ ହେଲେ ଜାଆଁଳ ଗୁଡ଼ିକୁ ପ୍ରତି ଲିଟର ପାଣିରେ ୧୦୦ଟି ଲେଖାଏଁ ପଲିଥିନ୍‌ର ସମ୍ପୂର୍ଣ୍ଣ ବନ୍ଦ ମୁଣି (Polythene Bag) ରେ ଅମ୍ଳଜାନ ଗ୍ୟାସ୍ ପୂରଣ କରିନିଆଯାଇଥାଏ । ନେବା ସମୟରେ ମୁଣିର ଉତ୍ତାପ ଯେପରି ବୃଦ୍ଧି ନପାଏ, ସେଥିପ୍ରତି ଯତ୍ନ ନେବା ଉଚିତ୍ । ଜାଆଁଳ ଗୁଡ଼ିକୁ ପ୍ରାକୃତିକ ଅବସ୍ଥାରୁ ବାହାର କରି ଆଣିବା ପରେ ନୂତନ ଅବସ୍ଥା (ମାଠିଆ ବା ମୁଣି) ରେ ସେଗୁଡ଼ିକୁ କିଛି ସମୟ ଅଭ୍ୟସ୍ତ ହେବା ପାଇଁ ଛାଡ଼ି ଦେବା ଉଚିତ । ତାପରେ ପରିବହନ କଲେ ମୃତ୍ୟୁହାର କମ୍ ହୁଏ ।

## ଚିଙ୍ଗୁଡ଼ି ଜାଆଁଳ ଛାଡ଼ିବା ପ୍ରଣାଳୀ

ପୋଖରୀରେ ନୂତନ ବାତାବରଣ ସହ ଅଭ୍ୟସ୍ତ ହେବା ପାଇଁ ଜାଆଁଳ ଗୁଡ଼ିକୁ ପୋଖରୀରେ ଛାଡ଼ିବା ପୂର୍ବରୁ ନିମ୍ନଲିଖିତ ଉପାୟ ଅବଲମ୍ବନ କରିବାକୁ ପଡ଼ିଥାଏ । ଯଥା-

୧. ମାଠିଆ ବା ମୁଣିକୁ ପୋଖରୀ ମଧ୍ୟରେ ଥିବା ପାଣିରେ ଅଧଘଣ୍ଟାଏ ଭାସିବାକୁ ଦେବା ଆବଶ୍ୟକ ।

୨. ହୃଷ୍ଟପୁଷ୍ଟ ଜାଆଁଳ ଗୁଡ଼ିକୁ ଧୀରେ ଧୀରେ ପୋଖରୀରେ ଛାଡ଼ିବା ଉଚିତ୍ ।

୩. ଦୁର୍ବଳ ହୋଇଯାଇଥିବା ଓ ମରି ଯାଇଥିବା ଜାଆଁଳ ଗୁଡ଼ିକୁ ଅଲଗା କରିଦେବା ଉଚିତ୍ ।

୪. ଜାଆଁଳ ମାନଙ୍କୁ ସାଧାରଣତଃ ସକାଳ ଓ ସନ୍ଧ୍ୟା ସମୟରେ ପୋଖରୀରେ ଛାଡ଼ିବା ଉଚିତ୍ ।

୫. ପ୍ରତି ଏକର ପୋଖରୀରେ ୮୦୦୦ ରୁ ୧୦୦୦୦ ଜାଆଁଳ ଛାଡ଼ିବା ଆବଶ୍ୟକ । ଜାଆଁଳ ଛାଡ଼ିବା ସମୟରେ ଏମାନଙ୍କ ହାରାହାରି ଓଜନ ୧୦ଗ୍ରାମ୍‌ରୁ କମ୍ ହୋଇନଥିବା ଉଚିତ୍ ।

## ପୋଖରୀ ପ୍ରସ୍ତୁତି କରଣ

ଚିଙ୍ଗୁଡ଼ି ଚାଷ ପୂର୍ବରୁ ପ୍ରଥମେ ପୋଖରୀରୁ ଜଳ ନିଷ୍କାସନ କରି ଏହାକୁ ଏକ ସପ୍ତାହ ଶୁଖାଇ ଦେବା ଉଚିତ୍ । ଏହା ଫଳରେ ଶିକାରୀ ମାଛ ଓ ଅଦରକାରୀ ଜୀବ ବାହାରି ଯାଆନ୍ତି ଓ ପୋଖରୀ ଭିତରେ ଥିବା ବିଷାକ୍ତ ଗ୍ୟାସ୍ ଦୂର ହୋଇଥାଏ । ମାଟିର ଉର୍ବରତା ମଧ୍ୟ ଏହାଦ୍ୱାରା ବୃଦ୍ଧି ପାଇଥାଏ । ପାଣି ନଶୁଖିଲେ ମହୁଲ ପିଡ଼ିଆ, ୟୁରିଆ ଓ ବ୍ଲିଚିଂ ପାଉଡ଼ରର ପ୍ରୟୋଗ ଦ୍ୱାରା ଶିକାରୀ ମାଛ ମଧ୍ୟ ନିରାକରଣ କରାଯାଇପାରେ । ପୋଖରୀକୁ ଶୁଖାଗଲା

ପରେ ସ୍ଲୁଇସ୍ ଗେଟ୍ ଦେଇ ପାଣି ପୁରାଯାଇଥାଏ । ଗେଟ୍ ମୁହଁରେ ସରୁ ଜାଲିକନା ୧୦୦ - Mesh ଲାଗିଥିବା ଯୋଗୁଁ ଅନ୍ୟ ଛୋଟ ପୋକଜୋକ, ଚୂନା ମାଛ, ଶିକାରୀ ମାଛ, ଏଗୁଡ଼ିକର ଜାଆଁଳ, ଅଣ୍ଡା ପ୍ରଭୃତି ପୋଖରୀକୁ ପଶିପାରେ ନାହିଁ । ପାଣି ୪ଫୁଟ ହେଲାପରେ ଏକର ପିଛା ୫୦ କିଲୋଗ୍ରାମ୍ ବ୍ଲିଚିଂ ପାଉଡ଼ର୍ ପ୍ରୟୋଗ କରାଯାଇଥାଏ । ଏହାର ୩ ଦିନ ପରେ ଏକର ପିଛା ୫୦ କିଲୋଗ୍ରାମ୍ ଅକ୍ସାଇଡ୍ ଚୂନ ପ୍ରୟୋଗ କରାଯାଇଥାଏ । ଏହାର ସପ୍ତାହେ ପରେ ସନ୍ଧ୍ୟା ସମୟରେ ଡୋଲୋମାଇଟ୍ ଏକର ପିଛା ୨୦ କିଲୋଗ୍ରାମ୍ ପକାଯାଏ ଏବଂ ତା ପରଦିନ ସକାଳୁ ୟୁରିଆ ସାର ୫ କିଲୋଗ୍ରାମ୍ ଓ ସୁପରସାର ୧୦ କିଲୋଗ୍ରାମ୍ ପାଣିରେ ପ୍ରୟୋଗ କରାଯାଇଥାଏ । ଏହିଭଳି ପ୍ରୟୋଗ ବିଧିରେ ଡୋଲୋମାଇଟ୍ ଓ ରାସାୟନିକ ସାର ଥରେ ଦୁଇଥର ପକାଇ ସାରିଲା ପରେ ପାଣିରେ ଯଥେଷ୍ଟ ପରିମାଣର ପ୍ଲାଙ୍କଟନ୍ ସୃଷ୍ଟି ହୋଇ ପାଣି ରଙ୍ଗ ଈଷତ୍ ସବୁଜ ଦେଖାଯାଏ । ଏହାପରେ ଜାଆଁଳ ଛଡ଼ାଯାଇଥାଏ ।

## ପୋଖରୀରେ ପ୍ରୋବାୟୋଟିକ୍ ଏବଂ ଗ୍ରୋବାୟୋଟିକ୍‌ର ବ୍ୟବହାର

ଜାଆଁଳ ଛାଡ଼ିବା ପୂର୍ବରୁ ପୋଖରୀ ଜଳ ପରିବେଶରେ କେତେକ ହୀତକାରୀ ଜୀବାଣୁ ଯଥା- ସାକାରୋମାଇସେସ୍, ଲାକ୍ଟୋବାସିଲସ ଇତ୍ୟାଦିର ବଂଶବୃଦ୍ଧି ପାଇଁ ସେମାନଙ୍କର ସିଧାସଳଖ ତରଳ କଲ୍‌ଚର୍ ବା ବୀଜକଣା (Spore) ଗୁଣ୍ଡକୁ ପୋଖରୀ ପାଣିରେ ନିର୍ଦ୍ଧିଷ୍ଟ ମାତ୍ରାରେ ପକାଯାଏ । ଏହି ଜୀବାଣୁ ଗୁଡ଼ିକ ଅନୁକୂଳ ପରିସ୍ଥିତି ପାଇଲେ ଦୃତ ଗତିରେ ବଂଶ ବିସ୍ତାର କରିଥାନ୍ତି ଏବଂ ପୋଖରୀରେ ଅନ୍ୟ ହାନିକାରକ ଜୀବାଣୁ ପଶି ଉଧାଇ ପାରନ୍ତି ନାହିଁ । ପୋଖରୀ ପରିବେଶରେ ହିତକାରୀ ଜୀବାଣୁ ବଂଶ ବିସ୍ତାର କରି ରହିଲା ଭଳି ଯଦି ଚିଙ୍ଗୁଡ଼ି ଶରୀରର ଖାଦ୍ୟନଳୀ (Gut) ମଧ୍ୟରେ ଏଭଳି ଜୀବାଣୁ ବଂଶ ବିସ୍ତାର କରି ରହନ୍ତି ତାହେଲେ ଅନ୍ୟ ରୋଗ ସୃଷ୍ଟିକାରୀ ଜୀବାଣୁ ଚିଙ୍ଗୁଡ଼ିକୁ ଖାଦ୍ୟ ଦ୍ୱାରା ସଂକ୍ରମଣ କରିପାରେ ନାହିଁ । ଏହା ଫଳରେ ଚିଙ୍ଗୁଡ଼ି ନିରୋଗ ରହିବା ସହ ଏହାର ଖାଦ୍ୟ ପାଚନ କ୍ରିୟା ମଧ୍ୟ ବୃଦ୍ଧି ପାଇଥାଏ । ଖାଦ୍ୟ ଅଧିକ ଖାଇଲେ ସେମାନଙ୍କର ଦୃତ ବୃଦ୍ଧି ହୋଇଥାଏ । ଏଥିପାଇଁ ନିମ୍ନଲିଖିତ ପାରମ୍ପରିକ ପଦ୍ଧତି ଅବଲମ୍ବନ କରିବାକୁ ପଡ଼ିଥାଏ । ଯଥା-

ଗୋଟିଏ ବଡ଼ ହାଣ୍ଡିରେ ୧୦କେଜି ଅରୁଆଖୁଦକୁ ଭଲ ଭାବେ ରାନ୍ଧି ଥଣ୍ଡା ହେଲାପରେ ସେଥିରେ ୨୦୦-୩୦୦ ଗ୍ରାମ୍ ଇଷ୍ଟ ବା କବକ ଗୁଣ୍ଡ ମିଶାଯାଏ । ଏହା ପଚିବା ପାଇଁ ଦୁଇଦିନ ଏଭଳି ଛାଡ଼ି ଦିଆଯାଏ । ତାପରେ ଏଥିରେ ୧୦ କିଲୋଗ୍ରାମ୍ ଗୁଡ଼ ଓ ୧୦ କିଲୋଗ୍ରାମ୍ ବାଦାମ ପିଡ଼ିଆକୁ ଭଲଭାବେ ମିଶାଇ ୧ ଏକର ପୋଖରୀରେ ଚାରିଆଡ଼େ ବିଞ୍ଚି ଦିଆଯାଏ । ଏହା ଜାଆଁଳ ଛଡ଼ାଯିବାର ପୂର୍ବଦିନ ପାଣିରେ ପ୍ରୟୋଗ କରିବା ଆବଶ୍ୟକ ।

ପରବର୍ତ୍ତୀ ସମୟରେ ଏଭଳି ପ୍ରୋବାୟୋଟିକ୍ ଆଉ ଥରେ ଦୁଇଥର ଚିଙ୍ଗୁଡ଼ିଙ୍କୁ ଖାଇବାକୁ ଦେବା ଉଚିତ୍ ।

## ଚିଙ୍ଗୁଡ଼ି ଚାଷରେ ଖାଦ୍ୟସାର ପରିଚାଳନା

ପୋଖରୀ ପ୍ରସ୍ତୁତ ହୋଇସାରିଲା ପରେ ନର୍ସରୀ ପୋଖରୀରୁ ମଶାରୀ ଜାଲ ସାହାଯ୍ୟରେ ଶିଶୁ ଚିଙ୍ଗୁଡ଼ି ଗୁଡ଼ିକୁ ଧରାଯାଇ ଚାଷ ପୋଖରୀରେ ଏକର ପିଛା ୨୫୦୦୦-୩୦୦୦୦ ପର୍ଯ୍ୟନ୍ତ ଛଡ଼ାଯାଇଥାଏ ଓ ଖାଦ୍ୟସାର ଦେଇ ଉପଯୁକ୍ତ ଭାବେ ପରିଚାଳନା କରିବାକୁ ପଡ଼େ । ପ୍ରତି ୧୦ କିଲୋଗ୍ରାମ୍ ଖାଦ୍ୟ ପାଇଁ କୃତ୍ରିମ ଖାଦ୍ୟ ଭାବରେ ବାଦାମ ପିଡ଼ିଆ ୨ କିଲୋଗ୍ରାମ୍, ସୋୟାବିନ୍ ଗୁଣ୍ଡ ୨ କିଲୋଗ୍ରାମ୍, ଫିସ୍‌ମିଲ୍ ବା ଶୁଖୁଆଗୁଣ୍ଡ ୨ କିଲୋଗ୍ରାମ୍, କାଣ୍ଡିଆକୁଣ୍ଡା ୪ କିଲୋଗ୍ରାମ୍, କଡ୍ ମାଛର ତେଲ ୧୦୦ ଗ୍ରାମ୍ ଓ ୨୦ ଗ୍ରାମ୍ ଭିଟାମିନ୍-ମିନେରାଲ୍ ମିକ୍ସଚର ମିଶାଇ ଚିଙ୍ଗୁଡ଼ିକୁ ନର୍ସରୀ ଏବଂ ଚାଷ ପୋଖରୀରେ ଖାଇବାକୁ ଦେବା ଉଚିତ୍ । ଏହା ନର୍ସରୀ ପୋଖରୀରେ ପ୍ରତି ୧୦୦୦୦ ଜାଆଁଳ ପାଇଁ ଦୈନିକ ୧ କିଲୋଗ୍ରାମ୍ ହିସାବରେ ବିଞ୍ଚି ଦେବା ଦରକାର । ଏହାପରେ ଚାଷ ପୋଖରୀରେ ନିମ୍ନଲିଖିତ ଅନୁପାତରେ ଖାଇବାକୁ ଦେବା ଉଚିତ୍ । ଯଥା-

| | |
|---|---|
| ପ୍ରଥମ ମାସ | ସମୁଦାୟ ଚିଙ୍ଗୁଡ଼ି ଓଜନର ୨୫ ଶତାଂଶ |
| ଦ୍ୱିତୀୟ ଏବଂ ତୃତୀୟ ମାସ | ୨୦ ରୁ ୮ ଶତାଂଶ |
| ଚତୁର୍ଥ ଓ ପଞ୍ଚମ ମାସ | ୮ ରୁ ୬ ଶତାଂଶ |
| ଷଷ୍ଠ ମାସ | ୬ ରୁ ୪ ଶତାଂଶ |

ଉପରୋକ୍ତ ଶୁଖିଲା ଖାଦ୍ୟ ମିଶ୍ରଣ ଚିଙ୍ଗୁଡ଼ିକୁ ଖାଇବାକୁ ଦେବା ଉଚିତ୍ । ସାଧାରଣତଃ ଚିଙ୍ଗୁଡ଼ିକୁ ଦିନକୁ ଦୁଇଥର ଖାଇବାକୁ ଦିଆଯାଇଥାଏ । ଚିଙ୍ଗୁଡ଼ି ରାତ୍ରିଚର ହୋଇଥିବାରୁ ସକାଳ ଓଳି ସମୁଦାୟ ଖାଦ୍ୟର ୪୦ ଶତାଂଶ ଏବଂ ସନ୍ଧ୍ୟାବେଳେ ୬୦ଶତାଂଶ ଖାଦ୍ୟ ଦିଆଯିବା ଉଚିତ ।

ଏକ ଏକର ବିଶିଷ୍ଟ ପୋଖରୀରେ ୮ ରୁ ୧୦ଗୋଟି ସ୍ଥାନରେ ବାଉଁଶ ଡାଲା ବା ଚେକ୍ ଟ୍ରେରେ ଖାଦ୍ୟକୁ ରଖି ଧିରେ ଧିରେ ପାଣି ମଧ୍ୟରେ ପୋଖରୀ ତଳେ ନେଇ ଥୋଇଦେବା ଦରକାର । ତେବେ ଏହି ଖାଦ୍ୟ ମାତ୍ରାରୁ ଏକଦଶମାଂଶ ବାହାର କରି ଖାଦ୍ୟ ପରିବେଷଣ କରିବାର ୧ଘଣ୍ଟା ପରେ ପୋଖରୀ ସାରା ବିଞ୍ଚି ଦେବା ଆବଶ୍ୟକ । ଏହା ବ୍ୟତୀତ ଖାଦ୍ୟ ଦେବାର ୨ଘଣ୍ଟା ପରେ ପରିବେଷିତ ଖାଦ୍ୟକୁ ଚିଙ୍ଗୁଡ଼ି ଖାଇଛି କି ନାହିଁ ଅନୁଧ୍ୟାନ କରିବା ଆବଶ୍ୟକ । ଯଦି ଖାଦ୍ୟ ସରିଯାଉଛି ତେବେ ପରଦିନ ସାମାନ୍ୟ ପରିମାଣର ଖାଦ୍ୟ ବଢ଼ାଇବା ଉଚିତ୍ ଏବଂ ଯଦି ଖାଦ୍ୟ ବଳିଯାଉଛି ତେବେ ସାମାନ୍ୟ ପରିମାଣର ଖାଦ୍ୟ କମାଇଦେବା ଆବଶ୍ୟକ । ଏତଦ୍ ବ୍ୟତୀତ ବଜାରରେ ମିଳୁଥିବା ପେଲେଟ୍ ଖାଦ୍ୟ ମଧ୍ୟ

ଅନୁମୋଦିତ ମାତ୍ରାରେ ଚିଙ୍ଗୁଡ଼ିକୁ ଖାଇବାକୁ ଦିଆଯାଇପାରେ । ପ୍ରତ୍ୟେକ ୧୫ଦିନ ଅନ୍ତରରେ ଏକର ପିଛା ଡୋଲୋମାଇଟ୍ ୨୦କେଜି ଓ ଏହାର ୧୨ଘଣ୍ଟା ପରେ ୟୁରିଆ ୪କେଜି ଓ ସୁପର ସାର ୮କେଜି ହିସାବରେ ପୋଖରୀରେ ପ୍ରୟୋଗ କରିବାକୁ ହୋଇଥାଏ । ଏହାଛଡ଼ା ପୋଖରୀ ତଳ ଯଦି ଦୁର୍ଗନ୍ଧଯୁକ୍ତ ହୁଏ ତାହେଲେ ଜିଓଲାଇଟ୍ ଏକର ପିଛା ୪୦-୮୦ କେଜି ପ୍ରୟୋଗ କରିବାକୁ ପଡ଼ିଥାଏ ।

## ଚିଙ୍ଗୁଡ଼ି ଚାଷ ପୋଖରୀର ଉପଯୁକ୍ତ ପରିଚାଳନା

ନିମ୍ନଲିଖିତ ଉପାୟ ମାନ ଅବଲମ୍ବନ କରି ମଧୁର ପାଣି ଚିଙ୍ଗୁଡ଼ି ଚାଷ ପୋଖରୀର ଉପଯୁକ୍ତ ପରିଚାଳନା କରିହେବ । ଯଥା-

**୧. ଜଳ ପରିବର୍ତ୍ତନ :** ସାମୟିକ ଭାବେ ପୋଖରୀ ଭିତରକୁ ପାଣି ନେବା ଆଣିବା କରିବା ପୋଖରୀ ପରିଚାଳନାର ଏକ ପ୍ରଧାନ ଅଙ୍ଗ । ଏହା ଫଳରେ ପୋଖରୀରେ ଜମି ରହିଥିବା ଅଶୁଦ୍ଧ ଜଳ ଅପସାରିତ ହୋଇପାରେ ।

**୨. ସାର ପ୍ରୟୋଗ :** ଚିଙ୍ଗୁଡ଼ି ଖାଦ୍ୟର ଉତ୍ପାଦନ ପାଇଁ ସାର ପ୍ରୟୋଗର ଆବଶ୍ୟକତା ରହିଛି । ଏହି ସାର ଜାଆଁଳ ଛାଡ଼ିବାର ମାସେ ପରେ ପୂର୍ବ ବର୍ଣ୍ଣିତ ମାତ୍ରା ଅନୁଯାୟୀ ପ୍ରୟୋଗ କରାଯିବା ଉଚିତ୍ ।

**୩. ଚିଙ୍ଗୁଡ଼ି ପାଇଁ ଆଶ୍ରୟସ୍ଥଳୀ :** ଚିଙ୍ଗୁଡ଼ି ମାନେ ଭଲ ବଢ଼ିବା ପାଇଁ ଖୋଳପା ଛାଡ଼ିଥାନ୍ତି । ଖୋଳପା ଛାଡ଼ିଲା ବେଳେ ଦେହ ଖୁବ୍ ନରମ ଥାଏ । ସେହି ସମୟରେ ସେମାନେ ଅନ୍ୟ ଚିଙ୍ଗୁଡ଼ିଙ୍କ ଠାରୁ ଲୁଚି ରହିବାକୁ ଚାହାଁନ୍ତି । କାରଣ ବେଳେ ବେଳେ ବଡ଼ ଅଣ୍ଡିରା ଚିଙ୍ଗୁଡ଼ି ଗୁଡ଼ିକ ଏହି ଖୋଳପା ଛାଡ଼ିଥିବା ନରମ ଚିଙ୍ଗୁଡ଼ିଙ୍କୁ ଖାଇଯାନ୍ତି । ସେଥିପାଇଁ ଚିଙ୍ଗୁଡ଼ି ଚାଷ ପୋଖରୀରେ ଛୋଟ ଛୋଟ ଖଣ୍ଡ ପ୍ଲାଷ୍ଟିକ୍ ନଳା ବା ମାଟିନଳା ତିନି/ଚାରି ଗୋଟିକୁ ଏକାଠି ବାନ୍ଧି ଏକର ପିଛା ୩୦-୪୦ ଗୋଟି ସ୍ଥାନରେ ପକାଯାଇଥାଏ ।

**୪. ଚିଙ୍ଗୁଡ଼ିର ବୃଦ୍ଧି ହାର ନିର୍ଣ୍ଣୟ :** ଚିଙ୍ଗୁଡ଼ିର ବୃଦ୍ଧି ହାର ନିର୍ଣ୍ଣୟ ଏବଂ ପୋଖରୀରୁ ଆନୁମାନିକ ଚିଙ୍ଗୁଡ଼ି ଅମଳର ଅଟକଳ କରିବା ପାଇଁ ମଝିରେ ମଝିରେ ଫିଙ୍ଗାଜାଲ ସାହାଯ୍ୟରେ ପୋଖରୀର ବିଭିନ୍ନ ସ୍ଥାନରୁ ଚିଙ୍ଗୁଡ଼ି ଧରାଯାଇ ଏହାର ମାପ ନେବା ଉଚିତ୍ । ଏହାଦ୍ୱାରା ଚିଙ୍ଗୁଡ଼ି କିପରି ଭାବରେ ବଢୁଛନ୍ତି ତାହା ଜାଣିହୁଏ ।

**୫. ପରିପୂରକ ଆହାର :** ଚିଙ୍ଗୁଡ଼ିର ପ୍ରାକୃତିକ ଖାଦ୍ୟ ପୋଖରୀରେ କମି ଆସିଲେ କୃତ୍ରିମ ଖାଦ୍ୟ ଯୋଗାଇଦେବା ଉଚିତ୍ । ଆନୁମାନିକ ଅମଳ ହେବାକୁ ଥିବା ଚିଙ୍ଗୁଡ଼ି ଓଜନର ଶତକଡ଼ା ୨ ରୁ ୫ ଭାଗ କୃତ୍ରିମ ଆହାର ପ୍ରୟୋଗ କରିବା ଉଚିତ୍ । ଏହି କୃତ୍ରିମ ଖାଦ୍ୟ ହିସାବରେ ସାଧାରଣତଃ ଗେଣ୍ଡା, ଶାମୁକା ମାଂସ, କଂସେଇ ଖାନାର ଅବଶିଷ୍ଟାଂଶ, ବାଦାମପିଡ଼ିଆ, ଗହମଚୂନା, କାଣ୍ଡିଆ କୁଣ୍ଡା ଇତ୍ୟାଦି ଦିଆଯାଏ ।

**୬. ଚିଙ୍ଗୁଡ଼ିର ରୋଗର ନିରାକରଣ :** ସୁଷମ ଖାଦ୍ୟର ଅଭାବ ଓ ଦୂଷିତ ଜଳ ପୋଖରୀରେ

ବଢୁଥିବା ଚିଙ୍ଗୁଡ଼ିର ବିଶେଷ କ୍ଷତିସାଧନ କରିଥାଏ । ପ୍ରତିକୂଳ ପାରିପାର୍ଶ୍ୱିକ ଅବସ୍ଥାରେ ଖାଦ୍ୟ ଅଭାବରୁ ବଡ଼ ଚିଙ୍ଗୁଡ଼ି ସାନ ଚିଙ୍ଗୁଡ଼ିକୁ ମଧ୍ୟ ଖାଇଯାନ୍ତି । ଜୀବାଣୁ ଜନିତ ରୋଗ ଫଳରେ ଚିଙ୍ଗୁଡ଼ି ଖୋଳପା ନରମ ହୋଇଥାଏ ଓ ଶରୀରରେ ମାଂସାଳ ଅଂଶ କମିଯାଏ । ଅଳ୍ପ ସମୟ ମଧ୍ୟରେ ବହୁତ ଚିଙ୍ଗୁଡ଼ି ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ଏଥିପାଇଁ ବିଭିନ୍ନ ଔଷଧ ପ୍ରୟୋଗ କରାଯିବା ବିଧେୟ ।

## ଅମଳ ଓ ବିକ୍ରି



ଚିଙ୍ଗୁଡ଼ି ବିକ୍ରୀ ଯୋଗ୍ୟ ଅବସ୍ଥା ଅନୁଧ୍ୟାନ କରି ଜଳ ନିଷ୍କାସନ ପରେ ଚିଙ୍ଗୁଡ଼ି ଅମଳ କରାଯାଏ । ଯଦି ମାଛ ଓ ଚିଙ୍ଗୁଡ଼ି ମିଶ୍ରିତ ଚାଷ କରାଯାଇଥାଏ, ତେବେ ହାରାହାରି ୨୫୦କେଜି ଚିଙ୍ଗୁଡ଼ି ସହ ମାଛ ମଧ୍ୟ ଅମଳ କରାଯାଇଥାଏ । ଜଳନିଷ୍କାସନ ସମୟରେ ଅନେକ ଚିଙ୍ଗୁଡ଼ି ପୋଖରୀ ଭିତରେ ଲୁଚି ରହିଥାନ୍ତି । ସେସବୁ ଚିଙ୍ଗୁଡ଼ି ମାନଙ୍କୁ ହାତରେ ଧରିବାକୁ ହୁଏ ।

## ଚିଙ୍ଗୁଡ଼ି ଚାଷର ଆୟ ବ୍ୟୟର ଅଟକଳ (ଏକରପିଛା)

| | |
|---|---|
| (କ) ପୋଖରୀ ଲିଜ୍ ମୂଲ୍ୟ | ଟ. ୧୦,୦୦୦.୦୦ |
| (ଖ) ଜାଆଁଳ (ପିଏଲ୍) | ଟ. ୧୦,୦୦୦.୦୦ |
| (ଗ) ଚୁନ, ଡୋଲୋମାଇଟ୍ ଓ ରାସାୟନିକ ସାର | ଟ. ୫,୦୦୦.୦୦ |
| (ଘ) ଅନ୍ୟ ଔଷଧ ଓ ଖାଦ୍ୟ | ଟ. ୨୦,୦୦୦.୦୦ |
| (ଙ) ମଜୁରୀ ବାବଦରେ | ଟ. ୧୦,୦୦୦.୦୦ |
| (ଚ) ଅନ୍ୟାନ୍ୟ | ଟ. ୫,୦୦୦.୦୦ |
| ମୋଟ୍ ଖର୍ଚ୍ଚ | ଟ. ୬୦,୦୦୦.୦୦ |

## ଆଦାୟ

୫୦୦ କେଜି ଚିଙ୍ଗୁଡ଼ି

(୧ କେଜି ପ୍ରତି ଟ. ୩୦୦.୦୦ ହିସାବରେ) = ଟ. ୧,୫୦,୦୦୦.୦୦

ଲାଭ = ୧,୫୦,୦୦୦.୦୦ - ୬୦,୦୦୦.୦୦ = ଟ. ୯୦,୦୦୦.୦୦ (୬ ମାସରେ)

ବାର୍ଷିକ ଲାଭ = ଟ. ୧,୮୦,୦୦୦.୦୦

# ମଧୁର ଜଳ ମାଛ ଚାଷରେ ରୋଗ ସମସ୍ୟା ଓ ତା'ର ପ୍ରତିକାର

ମାଛମାନଙ୍କୁ ଅନେକ ସମୟରେ ବିଭିନ୍ନ ପ୍ରକାର ରୋଗ ହେବାର ଦେଖାଯାଏ । ଉପଯୁକ୍ତ ସମୟରେ ସଠିକ୍ ଯତ୍ନ ନ ନିଆଗଲେ ମାଛ ଚାଷ କ୍ଷତିଗ୍ରସ୍ତ ହୋଇଥାଏ । ତେଣୁ ମାଛ ଚାଷକୁ ଫଳପ୍ରଦ କରିବାକୁ ହେଲେ ଚାଷୀମାନଙ୍କୁ ମାଛ ମାନଙ୍କର ରୋଗର ଲକ୍ଷଣ, କାରଣ ଓ ଏହାର ନିରାକରଣ ବ୍ୟବସ୍ଥା ବିଷୟରେ ସମ୍ୟକ ଜ୍ଞାନ ଆହରଣ କରିବାକୁ ପଡ଼ିବ ।

**ମାଛରେ ରୋଗ ହେବାର କାରଣ :**

୧. ଜଳର ଉତ୍ତାପ, ଅମ୍ଳଜାନ, କ୍ଷାରତ୍ୱ ଓ ଅଙ୍ଗାରକାମ୍ଳଜାନର ଅସ୍ୱାଭାବିକ ପରିବର୍ତ୍ତନ ଦ୍ୱାରା ସୃଷ୍ଟି ପ୍ରତିକୂଳ ପରିବେଶ ଯୋଗୁଁ ମାଛରେ ରୋଗ ହୁଏ ।

୨. ଅତ୍ୟଧିକ ଜୈବସାର ଓ ରାସାୟନିକ ସାର ପ୍ରୟୋଗ ଦ୍ୱାରା ପୋଖରୀ ଜଳର ଗୁଣାତ୍ମକ ମାନରେ ପରିବର୍ତ୍ତନ ହୋଇଥାଏ । ଫଳରେ ଜଳରେ ବିଷାକ୍ତ ଗ୍ୟାସ୍ ଓ ରୋଗ ସୃଷ୍ଟିକାରୀ ଅଣୁଜୀବ ସୃଷ୍ଟି ହୋଇଥାଏ ଓ ଏହା ରୋଗ ସୃଷ୍ଟି କରେ ।

୩. ରୋଗାକ୍ରାନ୍ତ ଯାଆଁଳ ଛାଡ଼ିବା ଦ୍ୱାରା ମାଛରେ ରୋଗ ହୋଇଥାଏ ।


୪. ମ୍ୟୁନିସିପାଲିଟି ଓ ଶିଳ୍ପକାରଖାନାର ନିର୍ଗତ ଦୂଷିତ ଓ ବିଶାକ୍ତ ପାଣି ପୋଖରୀରେ ପସିଲେ ମାଛରେ ରୋଗ ହୋଇଥାଏ ।

**ମାଛର କେତେକ ସାଧାରଣ ରୋଗ ଓ ତା'ର ପ୍ରତିକାର :**


| ରୋଗ | ଲକ୍ଷଣ | ପ୍ରତିକାର |
|---|---|---|
| ୧. କ୍ଷତ ବା ବସନ୍ତ ରୋଗ | ମାଛମାନଙ୍କରେ ଲାଲ୍ ରକ୍ତବର୍ଣ୍ଣ ଛାପ ଚିହ୍ନ, ବିଭିନ୍ନ ସ୍ଥାନରେ ଘା' ହେବା । | (କ) ସିଫାକ୍ସ ୪୦୦ ମି.ଲି. ଏକ ଏକର/ମିଟର ଜଳଭାଗ ପିଛା ପ୍ରତି ୩ ମାସରେ ଥରେ ପ୍ରୟୋଗ କରାଯାଏ । (ଖ) ୮୦ କେ.ଜି. ଚୁନ ୧ ଏକର/ମିଟର ଜଳଭାଗ ପିଛା ୭ ଦିନ ବ୍ୟବଧାନରେ ୩ ଥର ପ୍ରୟୋଗ । |
| ୨. ପକ୍ଷ ଓ ଲାଞ୍ଜ ପଚା ରୋଗ | ପ୍ରଥମାବସ୍ଥାରେ ପକ୍ଷ ଓ ଲାଞ୍ଜରେ ଧଳା ଗାରମାନ ଦେଖାଯାଏ । କ୍ରମଶଃ ପକ୍ଷ ଓ ଲାଞ୍ଜ ପଚିଯାଇ ନଷ୍ଟ ହୋଇଯାଏ । | ୧ ଲିଟର ଜଳରେ ୦.୫ ମିଲିଗ୍ରାମ୍ ତୁତିଆ ମିଶାଇ ୨ ମିନିଟ୍ ମାଛକୁ ବୁଡ଼ାଇ ରଖିଲେ ଏହି ମାଛ ଭଲ ହୁଏ । |

| | | |
|---|---|---|
| ୩. ଗାଲିଶି ପଚା ରୋଗ | ମାଛର ଗାଲିଶି ପଟଳରେ ନାଲି ଦାଗପରି ଦେଖାଯାଏ । ଧିରେ ଧିରେ ଧୁସର ରଙ୍ଗ ହୋଇ ଗାଲିଶି ପଟଳଟି ଝଡ଼ିପଡ଼େ । | ୧ ଲିଟର ଜଳରେ ୫ ମିଲିଗ୍ରାମ୍ ପଟାସିୟମ ପରମାଙ୍ଗାନେଟ୍ ପକାଇ ମାଛକୁ ୨ ରୁ ୫ ମିନିଟ୍ ବୁଡ଼ାଇ ରଖିଲେ ଏହି ରୋଗ ଭଲ ହୋଇଥାଏ । ପୋଖରୀରେ ଏକର ପିଛା ୫୦ ରୁ ୧୦୦ କେ.ଜି. ଚୂନ ପ୍ରୟୋଗ କଲେ ଏହି ରୋଗ ଭଲ ହୁଏ । |
| ୪. ଡ୍ରପ୍ସି ରୋଗ | ମାଛର ପେଟ ଫୁଲିଯାଇ ପାଣି ଭର୍ତ୍ତି ହୋଇଯାଏ । କାତିତଳ କୋଠରୀରେ ମଧ ଜଳ ଜମାଟ ବାନ୍ଧେ । | ୧ ଲିଟର ଜଳରେ ୫ ମିଲିଗ୍ରାମ୍ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣ କରି ମାଛକୁ ୫ ରୁ ୧୦ ମିନିଟ୍ ବୁଡ଼ାଇ ରଖିବା । |
| ୫. ଉକୁଣୀ ରୋଗ | ମାଛ ଅସ୍ତବ୍ୟସ୍ତ ହୋଇ ପହଁରିବା । ଦେହକୁ ପଥର ଇତ୍ୟାଦିରେ ଘଷିହେବା । | ମାଛକୁ ଲୁଣପାଣିରେ ୩% ବୁଡ଼ାଇ ରଖିବା । ୧ ଲିଟର ପାଣିରେ ୧ ଗ୍ରାମ୍ ପଟାସିୟମ ପରମାଙ୍ଗାନେଟ୍ ଦ୍ରବଣ କରି ମାଛକୁ ୧/୨ ମିନିଟ୍ ବୁଡ଼ାଇ ରଖିବା । ମାଲାଥିନ୍ ଲିଟର ପାଣି ପିଛା ୦.୨୫ ମିଲି.ଗ୍ରା. ୭ ଦିନ ଅନ୍ତରରେ ୩ ଥର । |
| ୬. କୃମି ରୋଗ | ମାଛ କାତି ଝଡ଼ିବା, ଦେହକୁ ଘଷିହେବା, ଲାଞ୍ଜ ଅତ୍ୟଧିକ ଲାଲୁଆ ହେବା । | ୫ ଲିଟର ଜଳରେ ୧ ମି.ଲି. ଫର୍ମାଲିନ୍ ମିଶାଇ ମାଛକୁ ୫-୧୦ ମିନିଟ୍ ଯାଏଁ ବୁଡ଼ାଇ ରଖିବା । ଲୁଣ ପାଣି (୫%)ରେ ୫-୧୦ ମିନିଟ୍ ମାଛକୁ ବୁଡ଼ାଇ ରଖିବା । |


କିନ୍ତୁ ମାଛକୁ ରୋଗ ହେବା ପରେ ଚିକିତ୍ସା କରିବା ଅପେକ୍ଷା ରୋଗ କିପରି ନହେବ ସେଥିପାଇଁ ଧ୍ୟାନଦେବା ଆବଶ୍ୟକ । ମାଛରୋଗ ସାଧାରଣତଃ ପାଣି ଦୂଷିତ ହେଲେ ହୋଇଥାଏ । ତେଣୁ ପ୍ରଥମରୁ ସିଫାକ୍ସ ୧ ଏକର/ମିଟର ଜଳାୟତନରେ ୪୦୦ ମି.ଗ୍ରା. ପ୍ରତି ମାସରେ ଥରେ ପ୍ରୟୋଗ କଲେ ପାଣି ଦୂଷିତ ହେବାର ସମ୍ଭାବନା ନଥାଏ । ଫଳରେ ରୋଗ ଆକ୍ରମଣ କରିନଥାଏ । ଏତଦ୍‌ବ୍ୟତିତ ସିଫାକ୍ସ ମଧ୍ୟ ପାଣିର ଗୁଣାତ୍ମକମାନ ବଜାୟ ରଖିବାରେ ସାହାଯ୍ୟ କରେ ।



କ୍ଷତ ରୋଗ (EUS)



ଲାଞ୍ଜପଚା ରୋଗ (FIN ROT)




ଗାଲିସିପଚା ରୋଗ (GILL ROT)



ଡ୍ରପ୍ସି ରୋଗ (DROPSY)



ଡ୍ରପ୍ସି ରୋଗ (DROPSY)



ଉକୁଣୀ ରୋଗ (ARGULOSIS)

# ମାଛ ଚାଷର କେତେକ ସାଧାରଣ ସମସ୍ୟା, ତାହାର କାରଣ ଓ ନିରାକରଣ

## ମାଛ ଚାଷରେ ପରିଲକ୍ଷିତ ସାଧାରଣ ସମସ୍ୟା

### ୧. ପୋଖରୀ ପାଣି ଖୁବ୍ ସଫା ଦେଖାଯିବା

କାରଣ : ପୋଖରୀର ଉର୍ବରତା କମ୍ ।
ପ୍ରାକୃତିକ ଖାଦ୍ୟ ଉତ୍ପାଦନ କ୍ଷମତା କମ୍ ।
ପୋଖରୀର ଅମ୍ଳତ୍ୱ ଅଧିକ ।

ନିରାକରଣ : ପୋଖରୀ ପାଣି ଓ ମାଟି ପରୀକ୍ଷା ।
ନିୟମିତ ଖତସାର ପ୍ରୟୋଗ ।
ଚୂନ ପ୍ରୟୋଗ ।

### ୨. ପୋଖରୀ ପାଣି ମାତ୍ରାଧିକ ସବୁଜ ହୋଇଯିବା

କାରଣ : ପୋଖରୀ ପାଣିରେ ଉଦ୍ଭିଦ ଜାତୀୟ ପ୍ଲାଙ୍କଟନ୍ ଓ ନେଳିର ପରିମାଣ ଅଧିକ ।

ନିରାକରଣ : ସାମୟିକ ଖତସାର ପ୍ରୟୋଗ ବନ୍ଦ ।
ଚୂନ ପାଣି କରି ଛିଞ୍ଚିବା ।

### ୩. ପୋଖରୀ ପାଣି ଗୋଳିଆ ରହିବା

କାରଣ : ପାଣିରେ ଭାସମାନ କାଦୁଅ ଅଂଶ ଅଧିକ ।

ନିରାକରଣ : ଚୂନ ପ୍ରୟୋଗ ।
ସବୁଜସାର ପ୍ରୟୋଗ ।

### ୪. ମାତ୍ରାଧିକ ଚିଙ୍ଗୁଡ଼ିଆ ଦଳ ବଢ଼ିବା

କାରଣ : ପୋଖରୀର ସ୍ୱାଭାବିକ ଗୁଣ ଫଳରେ ହୁଏ ।

ନିରାକରଣ : ଦଳ ସଫା କରିବା ।
ଗ୍ରାସ୍‌କାର୍ପ ମାଛ ଛାଡ଼ିବା ।

### ୫. ପୋଖରୀରେ ଅଧିକ ନୀଳ ଦେଖାଦେବା

କାରଣ : ପୋଖରୀରେ ଉଦ୍ଭିଦ ଜାତୀୟ ପ୍ଲାଙ୍କଟନ୍ ଉତ୍ପାଦନ କ୍ଷମତା ଅଧିକ ।

ନିରାକରଣ : ଚୂନ ପ୍ରୟୋଗ ।

ସିଲ୍‌ଭର କାର୍ପ ଜାଆଁଳ ଛାଡ଼ିବା ।

## ୬. ପୋଖରୀ ପାଣି ଦୁର୍ଗନ୍ଧଯୁକ୍ତ ହେବା

କାରଣ : ପୋଖରୀ ପାଣି ଦୂଷିତ ।

ନିରାକରଣ : ଚୂନ ପ୍ରୟୋଗ ।

CIFAX ପ୍ରୟୋଗ ।

ସୁବିଧା ଥିଲେ ପାଣି ବଦଳେଇବା ।

## ୭. ରାସାୟନିକ ସାର ପ୍ରୟୋଗ କଲେ ମଧ୍ୟ ଆଶାନୁରୁପ ସୁଫଳ ନମିଳିବା

କାରଣ : ଚୂନ ଓ ରାସାୟନିକ ସାର ଏକ ସମୟରେ ପ୍ରୟୋଗ କରିବା ଦ୍ୱାରା ଚୂନ ଓ ରାସାୟନିକ ସାର ଟାଣ ପାଲଟିବା ।

ନିରାକରଣ : ଚୂନ ଓ ସାର ପ୍ରୟୋଗର ବ୍ୟବଧାନ ଅତି କମ୍‌ରେ ୭-୧୫ ଦିନ ରଖିବା ।

## ୮. ମାଛ କୂଳକୁ ଆସି ଘୋଷାଡ଼ି ହେବା

କାରଣ: ଦେହରେ ଉକୁଣି ହେବାର ସମ୍ଭାବନା ।

ନିରାକରଣ : ମାଲାଥିଅନ୍ ଦ୍ରବଣରେ ମାଛକୁ ବୁଡ଼ାଇ ଗାଧୋଇବା ।

## ୯. ପୋଖରୀରେ ମାଛ ଉପରକୁ ଉଠି ପାକୁ ପାକୁ କରି ଭାସିବା

କାରଣ : ମାଛକୁ ଆବଶ୍ୟକ ହେଉଥିବା ଦ୍ରବୀଭୂତ ଅମ୍ଳଜାନର ଅଭାବ ।

ନିରାକରଣ : ଜାଲ ପକାଇ ବଡ଼ ମାଛ (ବ୍ରିଡ୍ ଯୋଗ୍ୟ) ଅମଳ କରିବା ।

## ୧୦. ମାଛ ଦେହରେ କ୍ଷତ ରୋଗ ଦେଖାଦେବା

କାରଣ : ଦୂଷିତ ଜଳ ଯୋଗୁଁ ରୋଗ ଜୀବାଣୁ ସଂକ୍ରମଣ ।

ନିରାକରଣ : CIFAX ପ୍ରୟୋଗ ।

ସଂକ୍ରମିତ ମାଛ ବାହାର କରି ପୋତିବା ।

ଚୂନ ପ୍ରୟୋଗ ।

## ୧୧. ମାଛ ଭଲ ନ ବଢ଼ିବା

କାରଣ : ମାତ୍ରାଧିକ ଜାଆଁଳ ଛାଡ଼ିବା ।

ପ୍ରାକୃତିକ ଖାଦ୍ୟ ଅଭାବ ପାଣି ଓ ମାଟିର ଅମ୍ଳତ୍ୱ ବୃଦ୍ଧି ହେବା ।

ନିରାକରଣ : ଅନୁପାତିକ ହାରରେ ସଠିକ୍ ପରିମାଣର ଜାଆଁଳ ଛାଡ଼ିବା ।
ନିୟମିତ ଖତସାର ଓ ଖାଦ୍ୟ ପ୍ରୟୋଗ କରିବା ।
ପାଣି ଓ ମାଟି ପରୀକ୍ଷା କରାଇ ନେଇ ଚୂନ ପ୍ରୟୋଗ କରିବା ।

## ୧୨. ପୋଖରୀ ପାଣିର ଗଭୀରତା ବହୁତ ଶୀଘ୍ର କମିଯିବା

କାରଣ : ସାଧାରଣତଃ ନୂଆରେ ତିଆରି ପୋଖରୀର ପାଣିର ଗଭୀରତା କମିବା ଦେଖାଯାଏ ଏବଂ ଛୋଟ ଆକାରର ପୋଖରୀରେ ପାଣି କମିଯିବା ସମସ୍ୟାଟି ସ୍ପଷ୍ଟ ଭାବେ ଜଣାପଡ଼ିଯାଏ ।

ନିରାକରଣ : ପାଣି କମିଯିବା ସମସ୍ୟାରୁ ରକ୍ଷା ପାଇବା ପାଇଁ ଆମକୁ ପୋଖରୀ ଖୋଳିବା ସମୟରୁ ହିଁ ସତର୍କତା ଅବଲମ୍ବନ କଲେ ଭଲ ।
ପୋଖରୀ ହୁଡ଼ାକୁ ମଜବୁତ କରି ତିଆରି କରିବା ଆବଶ୍ୟକ । ସେଥିପାଇଁ Roller ଦ୍ୱାରା ହୁଡ଼ାର ମାଟିକୁ ଭଲଭାବେ ଦବେଇବା ଉଚିତ୍ । ତଥାପି ପାଣି ଯଦି ଲିକ୍ ହୁଏ ତେବେ ହୁଡ଼ା ଚାରିପଟେ ଘାସ ଚେକା, ପଥର ଇତ୍ୟାଦି ଦେବା ଆବଶ୍ୟକ । ଏହାଛଡ଼ା ବେଣ୍ଟୋନାଇଟ୍ ନାମକ ଏକ ରାସାୟନିକ ପଦାର୍ଥକୁ ଉପଯୁକ୍ତ ମାତ୍ରାରେ ପ୍ରୟୋଗ କଲେ ପାଣି କମିବ ନାହିଁ ।

## ୧୩. ପ୍ଲାଙ୍କଟନ୍ ଉତ୍ପାଦନ ହୋଇ ଅତି କମ୍‌ଦିନରେ ପୋଖରୀରୁ ପ୍ଲାଙ୍କଟନ୍ ପରିମାଣ କମିଯିବା

କାରଣ : ଯଦି ପୋଖରୀରେ କମ୍ ପରିମାଣର ଜୈବିକ ପଦାର୍ଥ ଥାଏ ବା ଅତ୍ୟଧିକ ପରିମାଣର ମାଛ ଥାଏ, ତେବେ ପ୍ଲାଙ୍କଟନ୍ ପରିମାଣ କମିପାରେ ।

ନିରାକରଣ : ପୋଖରୀର ଅବସ୍ଥାକୁ ଦେଖି ମାଛ ପରିମାଣ କମାଇବା ଉଚିତ୍ ଅଥବା ଜୈବିକସାରର ପରିମାଣକୁ ବଢ଼ାଇବା ଉଚିତ୍ ।

## ୧୪. ଫାଇଟୋ ପ୍ଲାଙ୍କଟନ୍ ଉତ୍ପାଦନ ଜୁପ୍ଲାଙ୍କଟନ୍ ଠାରୁ ଅଧିକ ହେବା

କାରଣ : ଯଦି ଗନ୍ଧକ ବା ସଲ୍‌ଫର୍ ପରିମାଣ କମିଯାଏ ଏବଂ ଯବକ୍ଷାରଜାନ ଓ ପୋଟାସିୟମ୍ ମାତ୍ରା ଅଧିକ ହୋଇଯାଏ, ତେବେ ଫାଇଟୋପ୍ଲାଙ୍କଟନ୍ ପରିମାଣ ବଢ଼ିଥାଏ ।

ନିରାକରଣ : ଯବକ୍ଷାରଜାନ ଜାତୀୟ ସାର ଓ ପୋଟାସିୟମ୍ ଜାତୀୟ ସାରର ପରିମାଣକୁ କମାଇବା ଓ କଞ୍ଚା ଗୋବର ପ୍ରୟୋଗର ପରିମାଣକୁ ବଢ଼ାଇବା ।

## ୧୫. ଜୁପ୍ଲାଙ୍କଟନ୍ ଉତ୍ପାଦନ ଫାଇଟୋପ୍ଲାଙ୍କଟନ୍ ଠାରୁ ଅଧିକ ହେବା

କାରଣ : ଯଦି ଗନ୍ଧକ ବା ସଲ୍‌ଫର୍ ପରିମାଣ ବଢ଼ିଯାଏ ଏବଂ ଯବକ୍ଷାରଜାନ ଓ ପୋଟାସିୟମ୍ ମାତ୍ରା କମିଯାଏ, ତେବେ ଜୁପ୍ଲାଙ୍କଟନ୍ ପରିମାଣ ବଢ଼ିଥାଏ ।

ନିରାକରଣ : କଞ୍ଚା ଗୋବର ପ୍ରୟୋଗର ପରିମାଣକୁ କମାଇ ଯବକ୍ଷାରଜାନ ଜାତୀୟ ସାର ଓ ପୋଟାସିୟମ୍ ଜାତୀୟ ସାରର ପରିମାଣକୁ ବଢ଼ାଇବା ।

## ୧୬. ସାର ପ୍ରୟୋଗ ପରେ ମଧ୍ୟ ପ୍ରାଥମିକ ଖାଦ୍ୟ ଉତ୍ପାଦନ ସନ୍ତୋଷଜନକ ନହେବା

କାରଣ : ପାଣିରେ ଭାସମାନ ବା ଦ୍ରବୀଭୂତ ଅବସ୍ଥାରେ ଥିବା ମାଟି କଣିକା ଗୁଡ଼ିକ ବା ଅତ୍ୟଧିକ କାଦୁଆ ମାଟି ରହିଲେ ସୂର୍ଯ୍ୟାଲୋକ ପ୍ରବେଶରେ ବାଧା ସୃଷ୍ଟି କରେ ଏବଂ ଉତ୍ପାଦନ କ୍ଷମତା କମିଥାଏ ।

ପୋଖରୀ ହୁଡ଼ାରେ ବଡ଼ ବଡ଼ ଗଛ ରହିଲେ ମଧ୍ୟ ଉପଯୁକ୍ତ ସୂର୍ଯ୍ୟାଲୋକ ପୋଖରୀରେ ପ୍ରବେଶ କରିପାରେ ନାହିଁ, ଯାଫଳରେ ଖାଦ୍ୟ ପ୍ରସ୍ତୁତ ହୋଇପାରେ ନାହିଁ ।

ଅନାବଶ୍ୟକ ଦଳ ପୋଖରୀରେ ରହିଲେ ମାଟିରେ ଥିବା ସମସ୍ତ ପୋଷକ ଦ୍ରବ୍ୟ ଗୁଡ଼ିକ ଦଳ ଗ୍ରହଣ କରିନିଅନ୍ତି ଏବଂ ପୋଖରୀର ଉତ୍ପାଦନ କ୍ଷମତା କମିଯାଏ ।

ପୋଖରୀ ମାଟିର ଯଦି ଅତ୍ୟଧିକ ମାତ୍ରାର ସୋଡ଼ିୟମ୍ ଲବଣ ଥାଏ, ତେବେ ମଧ୍ୟ ପାଣି ବର୍ଷସାରା ଗୋଳିଆ ରହେ । ବର୍ଷସାରା ଗୋଳି ରହୁଥିବା ପୋଖରୀ ପାଇଁ ଜୈବିକ ପଦାର୍ଥ ପ୍ରୟୋଗ କଲେ ଭଲ ।

ନିରାକରଣ : ମାଟିର ଅମ୍ଳତ୍ୱ ଓ କ୍ଷାରତ୍ୱକୁ ଲକ୍ଷ୍ୟ ରଖି ଉପଯୁକ୍ତ ସାର ପ୍ରୟୋଗ କଲେ ଉତ୍ପାଦନ କ୍ଷମତା ବଢ଼ିଥାଏ । ଉଦାହରଣ ସ୍ୱରୂପ ଅମ୍ଳ ମାଟି ପାଇଁ ଏମୋନିଆ ଜାତୀୟ ସାର ଯଥା- DAP, CAN ଇତ୍ୟାଦି ପ୍ରୟୋଗ କରିବା ଆବଶ୍ୟକ । କ୍ଷାରୀୟ ମାଟି ଥିଲେ ନାଇଟ୍ରେଟ୍ ଜାତୀୟ ସାର ପ୍ରୟୋଗ କଲେ ଭଲ ।

ମାଛ ଚାଷରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ କରିବାକୁ ହେଲେ ଉପରୋକ୍ତ ନିରାକରଣ ପଦ୍ଧତି ଗୁଡ଼ିକ ଅବଲମ୍ବନ କରିବା ଉଚିତ୍ । ଆମ ରାଜ୍ୟର ଲୋକମାନଙ୍କର ମାଛ ଏକ ପ୍ରିୟ ଖାଦ୍ୟ । ମାଛ ଉତ୍ପାଦନ ନିମନ୍ତେ ଆମ ରାଜ୍ୟରେ ଯଥେଷ୍ଟ ପରିମାଣର ପ୍ରାକୃତିକ ପରିବେଶ ଯଥା- ପୋଖରୀ, ଜଳସେଚନ ପ୍ରକଳ୍ପ, ଗାଡ଼ିଆ ଇତ୍ୟାଦି ରହିଛି । କିନ୍ତୁ ମାଛ ଚାଷ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିଲେ ମଧ୍ୟ ତାହାର ପ୍ରକୃତ ବିନିଯୋଗ ହୋଇପାରୁ ନଥିବାରୁ ଆଶାନୁରୂପ ମାଛ ଉତ୍ପାଦନ ହେଉନାହିଁ । ସାଧାରଣତଃ ପୁରାତନ ପଦ୍ଧତିରେ ପୋଖରୀର କୌଣସି ତତ୍ତ୍ୱ ନନେଇ ବା ସାର ପ୍ରୟୋଗ ନକରି କେବଳ ପାଞ୍ଚଦଶ ହଜାର ଜାଆଁଳ ଛାଡ଼ି ଦିଆଯାଉଛି । ଫଳରେ ଅଧିକାଂଶ ଶିକାରୀ ମାଛ ମାନଙ୍କର ଖାଦ୍ୟ ହେଉଛନ୍ତି ଏବଂ ଅବଶିଷ୍ଟ ଖାଦ୍ୟାଭାବରୁ ବଢ଼ି ପାରନ୍ତି ନାହିଁ । ତେଣୁ ଆଶାନୁରୂପ ମୂଲ୍ୟ ମିଳେ ନାହିଁ । ସୁତରାଂ ଉପରୋକ୍ତ ଜଳଭାଗର ସଦୁପଯୋଗ କରି ଉନ୍ନତ ପ୍ରଣାଳୀରେ ମାଛ ଚାଷ କଲେ ମାଛ ଉତ୍ପାଦନ ବୃଦ୍ଧି ହେବ ।







